visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.75, Bhubaneswar Tuesday, May 05,2020 | ୨୩ତମ ବର୍ଷ ସଂଖ୍ୟା- ୭୫ ଭୁବନେଶ୍ୱର, ମଙ୍ଗଳବାର ମଇ ୦୫,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ସିଭିଲ୍ ସର୍ଭିସ୍ ପ୍ରିଲିମନାରୀ ପରୀକ୍ଷା ଘୁଞ୍ଚିଲା

ଭୁବନେଶ୍ୱର,(ପିଏନ)- ଆସନ୍ତା ମଇ ମାସ ୩୧ ତାରିଖରେ ହେବାକୁ ଥିବା ସିଭିଲ୍ ସର୍ଭିସ୍ ପ୍ରିଲିମନାରୀ ପରୀକ୍ଷାକୁ ଘୁଂଚାଇ ଦିଆଯାଇଛି। ଏହାସହ ଭାରତୀୟ ଫରେଷ୍ଟ ସର୍ଭିସ୍ (ଆଇଏଫଏସ୍) ପରୀକ୍ଷା ମଧ୍ୟ ଘୁଂଚାଇ ଦିଆଯାଇଛି। ୟୁନିୟନ ପବ୍ଲିକ୍ ସର୍ଭିସ୍ କମିଶନ (ୟୁପିଏସସି)ପକ୍ଷରୁ ଏନେଇ ସୂଚନା ଦିଆଯାଇଛି।

ଦେଶବ୍ୟାପୀ ଲକ୍ ଡାଉନ୍ ଜାରୀ ରହିଥିବାରୁ ଏହି ନିଷ୍ପତି ନିଆଯାଇଛି। ଆସନ୍ତା ମଇ ୨୦ରେ ପୁନର୍ବାର ପରିସ୍ଥିତିର ସମୀକ୍ଷା କରାଯିବ ଏବଂ ଏହି ପରୀକ୍ଷା ପାଇଁ ନୂତନ ତାରିଖଗୁଡିକ ଠିକ୍ ସମୟରେ ୟୁପିଏସସି ର ୱେବସାଇଟରେ ସୂଚିତ କରାଯିବ। ପୂର୍ବରୁ ଆୟୋଗ ସିଭିଲ ସର୍ଭିସ ପରୀକ୍ଷା, ୨୦୧୯ ପାଇଁ ଅବଶିଷ୍ଟ ପ୍ରାର୍ଥୀଙ୍କ ପାଇଁ ବ୍ୟକ୍ତିଗତ ପରୀକ୍ଷା; ଭାରତୀୟ ଅର୍ଥନୈତିକ ସେବା / ଭାରତୀୟ ପରିସଂଖ୍ୟାନ ସେବା ପରୀକ୍ଷା , ମିଳିତ ଚିକିତ୍ସା ସେବା ପରୀକ୍ଷା, ୨୦୨୦; କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳ ପରୀକ୍ଷା ଏବଂ ଏନଡିଏ ଏବଂ ନାଭାଲ୍ ଏକାଡେମୀ ପରୀକ୍ଷା ସ୍ଥଗିତ କରିସାରିଛନ୍ତି। ପରୀକ୍ଷାର ପରବର୍ତୀ ତାରିଖ ସ୍ଥିର ହେବା ନେଇ ପ୍ରାର୍ଥୀଙ୍କୁ ଅତି କମରେ ୩୦ ଦିନ ପୂର୍ବରୁ ସୂଚନା ଦିଆଯିବ ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

ଗ୍ରୀନ୍ ଜୋନରେ ଚାଲିପାରିବ ଯାତ୍ରୀବାହୀ ବସ୍ : ଏସଆରସି

ଭୁବନେଶ୍ୱର,(ପିଏନ)- ଗ୍ରୀନ୍ ଜୋନରେ ଯାତ୍ରୀବାହୀ ବସ୍ ଚାଲିପାରିବ। ଏନେଇ ସୋମବାର ନୀତିଗତ ନିଷ୍ପତି ନିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଗ୍ରୀନ୍ ଜୋନ୍ ରୁ ଗ୍ରୀନ୍ ଜୋନ୍ ମଧ୍ୟରେ ଯାତ୍ରୀବାହୀ ଗାଡି ଚାଲିପାରିବ। ଗ୍ରୀନ୍ ଜୋନ୍‌ରେ ଆନ୍ତଃଜିଲ୍ଲା ଏବଂ ଜିଲ୍ଲା ଭିତରେ ବସ୍ ଚଳାଚଳ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ବସ୍‌ଗୁଡ଼ିକ ସିଟ୍ ସଂଖ୍ୟାର ୫୦ ପ୍ରତିଶତ ଯାତ୍ରୀ ନେଇପାରିବେ। ସେମାନେ କେବଳ ଗ୍ରୀନ୍ ଜୋନ୍‌ର ଭିତରେ ଗାଡ଼ି ଚଳାଇବେ। ରେଡ୍ ଜୋନ୍ କିମ୍ବା ଅରେଞ୍ଜ ଜୋନ୍‌ର ସୀମା ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ସଂପୃକ୍ତ ବସ୍‌ଗୁଡ଼ିକର ବୈଧ ରୁଟ୍ ପରମିଟ୍, ପଞ୍ଜୀକରଣ ସାର୍ଟିଫିକେଟ୍, ଫିଟ୍‌ନେସ୍ ସାର୍ଟିଫିକେଟ୍, ପ୍ରଦୂଷଣ ସାର୍ଟିଫିକେଟ୍ ଏବଂ ବୀମା କାଗଜପତ୍ର ଠିକ୍ ଥିବା ଆବଶ୍ୟକ।

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତି

ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ

ପୁରୀ, (ପିଏନ)-ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ନିଷ୍ପତି ନିଆଯାଇଛି । ଏ ସଂପର୍କରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୂଚନା ଦେଇଛନ୍ତି। ନିଷ୍ପତି ସଂପର୍କରେ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି । ପୁରୀ ଜିଲ୍ଲା ଏବେ ଗ୍ରୀନ ଜୋନରେ ରହିଛି । କେନ୍ଦ୍ର ସରକାରଙ୍କ କୋଭିଡ ଗାଇଡଲାଇନ ଅନୁଯାୟୀ, ସମସ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିବ। ରଥ ନିର୍ମାଣ କାର୍ଯ୍ୟ ଧାର୍ମିକ ଉତ୍ସବ ନୁହେଁ। ଅକ୍ଷୟ ତୃତୀୟା ଓ ରଥ ନିର୍ମାଣ ଅନୁକୂଳ ଏବଂ ପ୍ରତିଷ୍ଠା ଧାର୍ମିକ କାର୍ଯ୍ୟ ବୋଲି ଗଜପତି କହିଥିଲେ । ଖୁବ ଶୀଘ୍ର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ରଥ ଖଳାରେ ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ଚିତ୍ରକର ସେବାୟତ ସାମାଜିକ ଦୂରତା ରଖିବା ସହ ମାକ୍ସ ପିନ୍ଧିବା ପାଇଁ ପରାମର୍ଶ ଦିଆଯିବ । ରଥଖଳାକୁ ଦେଢଗୁଣା ବଢାଇ ଦିଆଯାଇଛି । ପ୍ରତ୍ୟେକ ଦିନ ସଂପୃକ୍ତ ନିର୍ମାଣକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସୋମବାର ଅପରାହ୍ନରେ ଆପଦକାଳୀନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭିଡିଓ କନଫରେନ୍ସି ଜରିଆରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ପୁରୀରେ ଜିଲ୍ଲାପାଳ ବଳବନ୍ତ ସିଂ, ଏସପି ଡଃ. ଉମାଶଙ୍କର ଦାଶ, ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହିଥିବାବେଳେ ଭୁବନେଶ୍ୱର ଠାରେ ଭିଡିଓ କନଫରେନ୍ସିରେ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର ଉପସ୍ଥିତ ରହିଥିଲେ। ଏ ସଂପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର କୁହନ୍ତି, ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ରଥଯାତ୍ରା ଓ ରଥ ନିର୍ମାଣକୁ ଚାହିଁ ବସିଥିଲେ। ଜଗନ୍ନାଥଙ୍କ ଇଚ୍ଛାରେ ରଥଯାତ୍ରା ଅନୁଷ୍ଠିତ ହେବବୋଲି ସେ ଆଶା ପ୍ରକଟ କରିଥିଲେ । ରଥ ନିର୍ମାଣ କାର୍ଯ୍ୟ ୯ ଦିନ ବିଳମ୍ବ ହୋଇଥିବାରୁ ଏହି ବିଳମ୍ବକୁ କିପରି ସମାଧାନ କରାଯିବ ସେ ସଂପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ, ବିଶ୍ୱକର୍ମା ମହାରଣାଙ୍କ ସହ ଆଲୋଚନା କରି ନିଷ୍ପତି ନେବେ।

ଆଜିର ବୈଠକରେ କେବଳ ରଥ ନିର୍ମାଣକୁ ନେଇ ବିଶେଷ ଭାବେ ଆଲୋଚନା ହୋଇଥିଲା। କୋଭିଡ ଲକ୍ ଡାଉନ ଚଳିତମାସ ୧୭ ତାରିଖ ପର୍ଯ୍ୟନ୍ତ ରହିଥିବାରୁ ୧୭ ତାରିଖ ପରେ ପରିଚାଳନା କମିଟିର ବୈଠକ ବସି ରଥଯାତ୍ରା, ସ୍ନାନପୂର୍ଣ୍ଣିମା ଓ ନୀତି ନିର୍ଘଂଟ ସଂପର୍କରେ ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି ସୂଚନା ମିଳିଛି । ରଥଖଳାକୁ ସଂପୂର୍ଣ୍ଣ ସିଲ୍ କରାଯିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ରାଜ୍ୟ ସରକାର କୋଭିଡ୍ ମହାମାରୀର ଆଗାମୀ ସ୍ଥିତିକୁ ଦୃଷ୍ଟିରେ ରଖି ରଥଯାତ୍ରା ସଂପର୍କରେ ନିଷ୍ପତି ନେଇପାରିବେ । ଅନ୍ୟପକ୍ଷରେ ନିର୍ମାଣ ବିଳମ୍ବକୁ ନେଇ ବିଶ୍ୱକର୍ମା ମହାରଣାମାନେ କିପରି ରଥ ନିର୍ମାଣ ହେବ ସେ ସଂପର୍କରେ ଚିନ୍ତା ପ୍ରକଟ କରିଛନ୍ତି। ଯେତେଦୂର ସମ୍ଭବ ଆସନ୍ତାକାଲି ଠାରୁ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

ଗୋଟିଏ ଦିନରେ ୭ କରୋନା ଆକ୍ରାନ୍ତ ଚିହ୍ନଟ

ସୁନ୍ଦରଗଡର ୧, ଯାଜପୁର ୪ ଓ ଭଦ୍ରକର ୨ ଆକ୍ରାନ୍ତ

ଭୁବନେଶ୍ୱର,(ପିଏନ)- ସୋମବାର ଦିନ ରାଜ୍ୟରେ ୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସୁନ୍ଦରଗଡର ,୪ଜଣ ଯାଜପୁରର ଏବଂ ୨ଜଣ ଭଦ୍ରକର। ଏହାଫଳରେ ସୁନ୍ଦରଗଡ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୧ରେ ପହଂଚିଥିବା ବେଳେ ଯାଜପୁର ଜିଲ୍ଲାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସଂଖ୍ୟା ୫୨ ଏବଂ ଭଦ୍ରକର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୧ରେ ପହଂଚିଛି । ସେହିପରି ନୂଆ ୭ଜଣ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୯କୁ ବୃଦ୍ଧି ପାଇଛି ।ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆକ୍ରାନ୍ତ ଜଣଙ୍କ ସୁନ୍ଦରଗଡ ଜିଲ୍ଲାର ରାଉରକେଲା ନାଳା ରୋଡର ୨୯ ବର୍ଷୀୟ ମହିଳା। ସେ ପୂର୍ବରୁ ଚିହ୍ନଟ ହୋଇଥିବା ରୋଗୀଙ୍କର ପଡୋଶୀ ବୋଲି ଜଣା ପଡିଛି ।ଅନ୍ୟପକ୍ଷରେ ଯାଜପୁର ଓ ଭଦ୍ରକର ସମସ୍ତ ୬ ଜଣ ଆକ୍ରାନ୍ତ ପୁରୁଷ ଏବଂ ସମସ୍ତେ କୋଲକାତା ଫେରନ୍ତା । ସେଠାରୁ ଫେରିବା ପରେ ସେମାନେ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେମାନଙ୍କର ସ୍ୱାବ ନମୁନା ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ ଆସିଛି। ସେମାନେ କାହା ସଂସ୍ପର୍ଶରେ ଆସିଛନ୍ତି ସେ ନେଇ ଅନୁସନ୍ଧାନ ଆରମ୍ଭ ହୋଇଛି ।

ଯାଜପୁରରୁ ଚିହ୍ନଟ ହୋଇଥିବା ୪କରୋନା ଆକ୍ରାନ୍ତ ଏରବାଙ୍କ ପଂଚାୟତର । ୪କରୋନା ଆକ୍ରାନ୍ତଙ୍କ ବୟସ ୪୮, ୫୫, ୬୦ ଏବଂ ୬୨। ସେହିପରି ଭଦ୍ରକରେ ଚିହ୍ନଟ ହୋଇଥିବା ଆକ୍ରାନ୍ତ ବାସୁଦେବପୁର ଏବଂ ଧାମନଗର ବ୍ଲକର। ୨ କରୋନା ଆକ୍ରାନ୍ତଙ୍କ ବୟସ ୪୫(ପୁରୁଷ) ଏବଂ ୫୫(ପୁରୁଷ) ବୋଲି ଜଣା ପଡିଛି । ବର୍ତମାନ ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୦୮ ଥିବା ବେଳେ, ୬୦ ଜଣ ସୁସ୍ଥ ହୋଇଛନ୍ତି ।ଏଯାବତ୍ ରାଜ୍ୟରେ ଜଣେ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି। ସେହିଭଳି ଭାବେ ଭଦ୍ରକରେ ଏବେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୯ ଥିବା ବେଳେ ଯାଜପୁରରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୫୧ରହିଛି । ଭଦ୍ରକରୁ ୧୨ଜଣ କରୋନା ଆକ୍ରାନ୍ତଏବଂ ଯାଜପୁରରୁ ଜଣେ ସୁସ୍ଥ ହୋଇଛନ୍ତି ।

ସନ୍ଧ୍ୟା ୭ ପରେ ୧୨ ଘଣ୍ଟିଆ କର୍ଫ୍ୟୁ

ସବୁ ଜୋନ୍ ରେ ସନ୍ଧ୍ୟା ୭ରୁ ସକାଳ ୭ ଯାଏଁ ଘରୁ ବାହାରିବା ମନା, ବାଦ୍ ପଡିବ ଜରୁରୀକାଳୀନ ସେବା

ଭୁବନେଶ୍ୱର,(ପିଏନ)-ଏଣିକି ସନ୍ଧ୍ୟା ୭ ପରେ ଘରୁ ବାହାରିବା ମନା। ସନ୍ଧ୍ୟା ୭ରୁ ସକାଳ ୭ ଅର୍ଥାତ୍ ୧୨ ଘଂଟା ଯାଏଁ ଏହି କଟକଣା ବଳବତର ରହିବ । ତେବେ ସ୍ୱାସ୍ଥ୍ୟ ଭଳି ଜରୁରୀ ସେବା ପାଇଁ ଏହା ଲାଗୁ ହେବ ନାହିଁ ବୋଲି ଟୁଇଟ କରି ସୂଚନା ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ।ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ୩ଟି ଜୋନରେ ସଂନ୍ଧ୍ୟା ୭ ଟା ପରେ ଚଳପ୍ରଚଳ ବନ୍ଦ ରହିବ । କେନ୍ଦ୍ର ସରକାରଙ୍କ ନୂଆ ଗାଇଡ ଲାଇନ ଅନୁଯାୟୀ ଯାହା କାମ କରିବା କଥା ସକାଳ ୭ରୁ ସନ୍ଧ୍ୟା ୭ ମଧ୍ୟରେ କରି ପାରିବେ। ସୋମବାର ଠାରୁ ମଇ ୧୭ ଯାଏଁ ଏହି କଟକଣା ଲାଗୁ ହେବ। ଏହି ସମୟରେ ସମସ୍ତେ ଘରେ ରହିବାକୁ ପୋଲିସ କମିଶକନର ଅନୁରୋଧ କରିଛନ୍ତି । ତେବେ କଟକଣା ସମୟରେ ଜରୁରୀ ସେବା ଓ ମାଲ୍ ପରିବହନ ଚାଲିବ । ଜରୁରୀ ସେବାରେ ଥିବା କର୍ମଚାରୀ କଟକଣାରୁ ବାଦ୍ ରହିବେ।

ଓଡିଶା ବାହାରକୁ ଯିବା ପାଇଁ ଅନୁମତି ଜରୁରୀ

ଭୁବନେଶ୍ୱର,(ପିଏନ)- ଓଡ଼ିଶା ବାହାରକୁ ଡାକ୍ତରୀ ଚିକିତ୍ସା ପାଇଁ କିମ୍ବା ଜରୁରୀ କାର୍ଯ୍ୟ ପାଇଁ ଯେଉଁମାନେ ଯିବାକୁ ଚାହୁଁଥିବେ, ସେମାନେ ଆବଶ୍ୟକ ତଥ୍ୟ ଯାଂଚ ପରେ ସ୍ଥାନୀୟ ଉପ-ଜିଲ୍ଲାପାଳ ବା ତହସିଲଦାର କିମ୍ବା ଡିସିପି, ଭୁବନେଶ୍ୱର-କଟକ, ପୋଲିସ୍ କମିଶନରେଟ୍‌ଙ୍କଠାରୁ ଅନୁମତି ନେବେ। ଅନୁମତି ପତ୍ରର ନକଲ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟକୁ ପଠାଯିବ । ଏ ସଂପର୍କିତ ନିର୍ଦ୍ଧାରିତ ଫର୍ମ ଓଡ଼ିଶା ରାଜ୍ୟ ସରକାରଙ୍କ ଗୃହ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଛି, ଯାହାକି ଆବେଦନକାରୀଙ୍କ ନିଜ ଜିଲ୍ଲାର ଜିଲ୍ଲାପାଳଙ୍କ ତରଫରୁ ଅଧିକୃତ ହୋଇଥିବା ଅଧିକାରୀ ପ୍ରଦାନ କରିପାରିବେ। ସେହି ଫର୍ମରେ ପାସ୍ ପ୍ରଦାନର ତାରିଖ ସହ ଗାଡ଼ି ମାଲିକଙ୍କ ନାମ ଓ ମୋବାଇଲ୍ ନମ୍ବର, ଡ୍ରାଇଭରଙ୍କ ନାମ ଓ ମୋବାଇଲ୍ ନମ୍ବର, ଗାଡ଼ି ରେଜିଷ୍ଟ୍ରେସନ୍ ନମ୍ବର, କି ପ୍ରକାର ଯାନ ଓ ଏହାର ସିଟ୍ ସଂଖ୍ୟା ଏବଂ ସେଥିରେ ଯାଉଥିବା ବ୍ୟକ୍ତି କେଉଁ ଗ୍ରାମ, ତହସିଲ୍, ଜିଲ୍ଲା ଏବଂ ରାଜ୍ୟରୁ କେଉଁ ରାଜ୍ୟର କେଉଁ ସ୍ଥାନକୁ ଯାଉଛନ୍ତି, ସେ ସଂପର୍କରେ ସବିଶେଷ ତଥ୍ୟ ସହ ଯାଉଥିବା ସମସ୍ତ ବ୍ୟକ୍ତିଙ୍କର ନାମ ସେହି ଫର୍ମରେ ସଂଲଗ୍ନ ରହିବ ବୋଲି ପରିବହନ କମିଶନର ସଂଜୀବ ପଣ୍ଡା ସୂଚନା ଦେଇଛନ୍ତି।

ନିୟମ କଡାକଡି ପାଳନ କରନ୍ତୁ

କ୍ୱାରେଣ୍ଟାଇନ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିଏନ)-ବାହାରୁ ଓଡିଶାକୁ ଫେରୁଥିବା ଲୋକ ମାନେ ନିଜ ନିଜ ତଥା ପରିବାରର ଜୀବନର ସୁରକ୍ଷା ପାଇଁ କ୍ୱାରେଂଟାଇନରେ ରହିବା ସହ ସରକାରଙ୍କ ସମସ୍ତ ନିୟମ କଡାକଡି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପିଲ କରିଛନ୍ତି । ଏହାର ଉଲ୍ଲଂଘନ କ୍ଷେତ୍ରରେ ସରପଂଚମାନେ ତୁରନ୍ତ ପ୍ରଶାସନକୁ ଅବଗତ କରିବେ ତଥା ଉଲ୍ଲଂଘନକାରୀ ମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସୋସିଆଲ ମିଡିଆରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଓଡିଆ ଆମ ନିଜର । ବର୍ତମାନ ସମୟରେ ସାମାନ୍ୟ ଅସାବଧାନତା ଅନେକଙ୍କୁ ବିପଦରେ ପକାଇବ । ପ୍ରତ୍ୟେକଟି ଜୀବନର ସୁରକ୍ଷା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତନ ସହ କ୍ୱାରେଂଟାଇନର ବ୍ୟବସ୍ଥା କରା ଯାଇଛି। ସେ କହିଛନ୍ତି ଯେ ବର୍ତମାନ ଓଡିଶା ଭଲ ସ୍ଥିତିରେ ଅଛି। ଏଥି ପାଇଁ ଲକ୍ଷ ଲକ୍ଷ ଲୋକ ଦିନରାତି ନିରନ୍ତର କାର୍ଯ୍ୟ କରୁଛନ୍ତି। ବହୁ ଓଡିଆ ନିଜ କର୍ମରୁ ଉର୍ଧକୁ ଯାଇ ତ୍ୟାଗ ମନୋଭାବ ନେଇ ଅଭୂତପୂର୍ବ ପରିସ୍ଥିତିକୁ ସାମନା କରୁଛନ୍ତି । ଯେଉଁମାନେ ଓଡିଶା ଫେରୁଛନ୍ତି ସେମାନେ ମଧ୍ୟ ସେହି ତ୍ୟାଗ ସହ ନିଜର ଉଚ୍ଚ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

ଓଡିଶା ଫେରିଲେଣି ୮ ହଜାର ପ୍ରବାସୀ

କ୍ୱାରେଣ୍ଟାଇନ୍ ନିୟମ ଭାଙ୍ଗିଲେ ମିଳିବନି ତ୍ରାହି

ଭୁବନେଶ୍ୱର, (ପିଏନ)-ଗତ ୨୪ ଘଂଟା ମଧ୍ୟରେ ୮ ହଜାର ୮୩୦ ଜଣ ପ୍ରବାସୀ ଓଡ଼ିଆ ଓଡିଶା ଫେରିଛନ୍ତି। ୬ ହଜାର ୩୮୨ ଜଣ ବସ ରେ ଫେରିଥିବାବେଳେ ଟ୍ରେନରେ ୨ ହଜାର ୪୦୯ ଜଣ ଓ ଅନ୍ୟାନ୍ୟ ଗାଡିରେ ୩୯ ଜଣ ଫେରିଛନ୍ତି। ଆସନ୍ତା ଦିନ ମାନଙ୍କରେ ୫ ଲକ୍ଷ ଓଡ଼ିଆ ଫେରିବାର ସମ୍ଭାବନା ରହିଛିବୋଲି ରାଜ୍ୟ ସରକାରଙ୍କ କୋଭିଡ୍ -୧୯ ମୁଖ୍ୟ ମୁଖପାତ୍ର ସୁବ୍ରତ ବାଗଚୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଓଡ଼ିଶା ଫେରୁଥିବା ଲୋକେ ପୂର୍ବରୁ ଅନେକ କଷ୍ଟ ସ୍ୱୀକାର କରିଥିବେ। ହେଲେ ଓଡ଼ିଶା ଫେରିବା ପରେ ଆଉ ୧୪ ଦିନର ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ଏଥିପାଇଁ ବିଶୃଙ୍ଖଳା ଆଚରଣ ଗ୍ରହଣୀୟ ନୁହେଁ । ଏହା ସହ ଓଡିଶା ଫେରିବାକୁ ଚାହୁଁଥିବା ଲୋକମାନେ ତିନିଟି କାମ କରିବାକୁ ପଡିବ। ଏହି ତିନିଟି କାମ ହେଉଛି ଯିଏ ଫେରିବେ ଆଗରୁ ଜଣାଇବେ ଓ ପଞ୍ଜିକରଣ କରାଇବେ, ଯିଏ ଫେରିବେ ତାଙ୍କୁ ଆଇନ ମାନି ଶୃଙ୍ଖଳିତ ଲେଉଟିବାକୁ ପଡିବ ଏବଂ ଯିଏ ଫେରିବେ ୧୪ ଦିନର ତ୍ୟାଗ(କ୍ୱାରେଂଟାଇନ) ସହିବାକୁ ପଡିବ ବୋଲି ଶ୍ରୀ ବାଗଚୀ କହିଛନ୍ତି ।ସେହିପରି କ୍ୱାରେଂଟାଇନ୍ ନିୟମ ଭାଙ୍ଗିରେ ତ୍ରାହି ମିଳିବ ନାହିଁ । ସଙ୍ଗରୋଧ ନିୟମ ଭାଙ୍ଗି ଓଡ଼ିଶାରେ ଖସିବାର କୌଣସି ବାଟ ନାହିଁ ।ପ୍ରଶାସନର ଧୈର୍ଯ୍ୟକୁ ଅଯଥାରେ ପରୀକ୍ଷା ନକରିବାକୁ ଶ୍ରୀ ବାଗଚୀ ସତର୍କ କରାଇଦେଇଛନ୍ତି।

କ୍ୱାରେଣ୍ଟାଇନ ସେଣ୍ଟରରେ ଟିକଟକ ଭିଡିଓ ତିଆରି କଲେ, ଥାନାରେ ମାମଲା ରୁଜୁ

ଭୁବନେଶ୍ୱର, (ପିଏନ)-କରୋନା ସଂକ୍ରମଣକୁ ରୋକିବା ପାଇଁ ବାହାରୁ ଆସୁଥିବା ଲୋକ ମାନଙ୍କ ପାଇଁ କ୍ୱାରେଂଟାଇନ ସେଂଟର ଆରମ୍ଭ କରା ଯାଇଥିବା ବେଳେ ସେହି କେନ୍ଦ୍ରରେ ବାହାର ଫେରନ୍ତା ଲୋକ ମାନଙ୍କ ଦ୍ୱାରା ଟିକଟକ ଭିଡିଓ ତିଆରି କରିବା ଘଟଣା ସାମନାକୁ ଆସିଛି। ଭଦ୍ରକ ଜିଲ୍ଲାର ଏକ କ୍ୱାରେଂଟାଇନ ସେଂଟରରେ କିଛି ଲୋକ ଟିକଟକ ଭିଡିଓ ତିଆରି କରିଥିବା ବେଳେ ଏହା ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓଟି ଭଦ୍ରକ ଜିଲ୍ଲାର ଭାଟପଡା ପଂଚାୟତର ଏକ କ୍ୱାରେଂଟାଇନ ସେଂଟରର ବୋଲି ଜଣା ପଡିଛି । ଏ ସମ୍ପର୍କରେ ସୂଚନା ଦେଇ ଭଦ୍ରକ ଏସପି କହିଛନ୍ତି ଯେ ଏହାକୁ ନେଇ ଛଅ ଜଣଙ୍କ ବିରୁଦ୍ଧରେ ଡିଏମ ଆକ୍ଟର ଧାରା ୫୧ ଓ ଆଇପିସିର ଧାରା ୧୮୮, ୨୬୯, ୨୭୦ ଅନୁସାରେ ମାମଲା ରୁଜୁ କରା ଯାଇଛି।

ଫେସବୁକ ଲାଇଭରେ ଲୋକମାନଙ୍କ ସହ ସିଧା କଥା ହେଲେ କେନ୍ଦ୍ରମନ୍ତ୍ରୀ

ଓଡିଆ ଲୋକମାନେ ଅସୀମ ଧୈର୍ଯ୍ୟ ଓ ସାହାସର ସହ କରୋନାର ମୁକାବିଲା କରୁଛନ୍ତି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ **ଭୁବନେଶ୍ୱର,(ପିଏନ)-** ଓଡିଆ ଲୋକମାନେ ଅସୀମ ଧୈର୍ଯ୍ୟ ଓ ସାହସର ସହ କରୋନା ମହାମାରୀର ମୁକାବିଲା କରୁଛନ୍ତି। ଓଡିଆ ମାନଙ୍କ ଡିଏନଏରେ ବିପର୍ଯ୍ୟୟ ମୁକାବିଲାର ଶକ୍ତି ଅଛି । ଏପରି କିଛି ମନ୍ତବ୍ୟ ଦେବା ସହ ଫେସବୁକ୍ ଲାଇଭ ମାଧ୍ୟମରେ ଅନଲାଇନରେ ସାଧାରଣ ଲୋକମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଫେସବୁକ ଲାଇଭ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଲୋକମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖିବା ବେଳେ କହିଛନ୍ତି ଯେ ଓଡିଆ ଜାତି ଖ୍ରୀଷ୍ଟପୂର୍ବ ୨୬୧ କଳିଙ୍ଗ ଯୁଦ୍ଧରେ ମଧ୍ୟ ହାରିନଥିଲା। ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷର ମଣିଷ ମଡକକୁ ସାମ୍ନା କରି ପୁଣି ଓଡିଶାକୁ ପୁନର୍ନିର୍ମାଣ କରିଥିଲା । ୧୯୧୮ ସ୍ପାନିଶ୍ ଫ୍ଲୁର ମଧ୍ୟ ଓଡିଶା ସଫଳତାର ସହ ମୁକାବିଲା କରିଥିଲା । ୧୯୪୩ ମସିହା ବେଙ୍ଗଲ ଫେମିନି ହେଉ ଅଥବା ସ୍ୱାଧୀନତୋର ଭାରତର ୧୯୭୧ ମସିହାର ବାତ୍ୟା ଓ ୧୯୯୯ ମସିହାର ମହାବାତ୍ୟା, ବନ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକରେ ଓଡିଶା ହାର୍ ମାନିନି । ବର୍ଷେ ପୂର୍ବେ ଫନୀ ପ୍ରଭାବକୁ ଓଡିଶାବାସୀ ସଫଳତାର ସହ ମୁକାବିଲା କରିଥିଲେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଆଜିଭଳି ଅଭାବନୀୟ ସମୟରେ ଦେଶବାସୀ ଓ ଓଡିଶାବାସୀଙ୍କୁ ସକରାତ୍ମକ ଭାବନା ଆଣିବାର ଆବଶ୍ୟକତା ରହିଛି। ବୈଶ୍ୱିକ ମହାମାରୀ ପଂଚାୟତ, ବ୍ଲକ, ସବ ଡିଭିଜନ, ଜିଲ୍ଲା, ରାଜ୍ୟରେ ସମସ୍ତେ ଏକମନ ଓ ଏକପ୍ରାଣରେ ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି । ତେଣୁ ଏହି ଘଡିସନ୍ଧି ମୁହୂର୍ତରେ ସରକାରୀ ବ୍ୟବସ୍ଥାକୁ ଦୋଷଦେବା ନୁହେଁ ମାତ୍ର ବ୍ୟବସ୍ଥାକୁ ତିଆରି କରିବା ସହ ହାତ ବଢାଇବାର ଆବଶ୍ୟକତା ରହିଛି ।

ବର୍ତମାନର ସମୟ ହେଉଛି ଆହ୍ୱାନପୂର୍ଣ୍ଣ। ତେଣୁ ବାହାରୁ ଫେରୁଥିବା ଓଡିଆ ଭାଇ ଭଉଣୀମାନଙ୍କୁ ମୋର ଅନୁରୋଧ ଧୈର୍ଯ୍ୟ ଧରନ୍ତୁ, ଟିକେ କଷ୍ଟ ସହି ସହଯୋଗ କରନ୍ତୁ। ରାଜ୍ୟରେ ଥିବା ଭାଇଭଉଣୀଙ୍କୁ ନିବେଦନ ଆପଣମାନେ ମଧ୍ୟ ତାଙ୍କୁ ସହଯୋଗର ହାତ ବଢାନ୍ତୁ। ବାହରୁ ଆସୁଥିବା ଲୋକଙ୍କ ଯତ୍ନ ନିଅନ୍ତୁ । ରାଜ୍ୟ ସରକାରଙ୍କ ନିୟମକୁ ପାଳନ କରନ୍ତୁ। ଆମେ ସମସ୍ତେ ମିଳିମିଶି ଏହି ସଙ୍କଟର ମୁକାବିଲା କରିପାରିବା ବୋଲି ସେ କହିଛନ୍ତି। ବର୍ତମାନ ଦେଶ ଦୁନିଆ ବଦଳିଯାଇଛି । ଏପରି ସ୍ଥିତିରେ ଡିଜିଟାଲାଇଜେସନ ଲୋକମାନଙ୍କ ମଧ୍ୟରେ ପ୍ରମୁଖ ମାଧ୍ୟମ ହୋଇଛି । ଓଡିଆ ଲୋକ ନୂଆ ନୂଆ ଜିନିଷ ଉଦ୍ଭାବନ କରୁଛନ୍ତି । କୋରାପୁଟ ଲକ୍ଷ୍ମୀପୁରର ଆଦିବାସୀ ଝିଅ ବ୍ୟାଙ୍କ୍ ଆକାଉଂଟକୁ ସକ୍ରିୟ କରି ଗାଁ ଗାଁ ବୁଲି ଲାପଟପ୍ ମାଧ୍ୟମରେ ଲୋକ ମାନଙ୍କୁ ସହଯୋଗ କରିବା ସହ ସୋମାନଙ୍କ ଟଙ୍କା ଦେଉଛନ୍ତି । ପରିବା ଦୋକାନୀମାନେ ବଳକା ପରିବାକୁ ନଫୋପାଡି ଗରିବ ଅସହାୟ ଲୋକଙ୍କୁ ବାଂଟୁଛନ୍ତି । ସମସ୍ତେ ବିଦେଶୀ ଭିଡିଓ କନଫରେନ୍ସିଂ ଆପରେ ନିର୍ଭର କରୁଥିବା ବେଳେ ଏନଆଇଟି ରାଉରକେଲାର ଛାତ୍ରଛାତ୍ରୀମାନେ ଏକ ଭିଡିଓ ଆପର ବିକଶିତ କରି ନୂଆ ନୂଆ ପ୍ଲାଟଫର୍ମ ତିଆରି କରିବାରେ ଲାଗିଛନ୍ତି । ଉପସାଗରୀୟ ୬ଟି ସମ୍ପନ୍ନ ଦେଶରେ ରହୁଥିବା ଓଡିଆ ମାନେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରଛନ୍ତି । ଆଜିର ଘଡିସନ୍ଧିମୁହୂର୍ତରେ ବିଶ୍ୱ ଲକ୍ ଡାଉନ୍ ସମସ୍ତଙ୍କୁ ବଡ ସୁଯୋଗ ଦେଇଛି ବୋଲି ସେ କହିଛନ୍ତି ।

ଭାରତରେ ଲୋକମାନେ ପ୍ରଧାନମନ୍ତ୍ରୀଙ୍କ ଆଦେଶ ତଥା ଲକ୍ ଡାଉନକୁ ସଠିକ୍ ଭାବରେ ପାଳନ କରୁଥିବାରୁ ଅନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଦେଶ ସ୍ୱାଭାବିକ ସ୍ଥିତିରେ ଅଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ଭାରତର ଜଣେ ଜଣେ ନାଗରିକ ଏହି ଯୁଦ୍ଧରେ ସାମିଲ ହୋଇଛନ୍ତି । ଆଗକୁ ମଧ୍ୟ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ସହ ସହଯୋଗୀ ହୋଇ ଧୈର୍ଯ୍ୟର ସହ କାମ କରିବାକୁ ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ ଲୋକମାନଙ୍କୁ ମାସ୍କ ପିନ୍ଧିବା, ନିୟମିତ ବ୍ୟବଧାନରେ ହାତକୁ ସଫା କରିବା, ସାମାଜିକ ଦୂରତ୍ୱ ମାନିବା, ଆରୋଗ୍ୟ ସେତୁ ଡାଉନଲୋଡ କରିବା ଏବଂ ଏଥିପାଇଁ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଗରିବଙ୍କ ସହାୟତା ପାଇଁ ୩ ମାସ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା କରିଛନ୍ତି । ଏହି ଯୋଜନାରେ ଗରିବ ଲୋକଙ୍କୁ ବ୍ୟକ୍ତି ପିଛା ମାସକ ପିଛା ୫ କେଜି ଚାଉଳ ଓ ପରିବାର ପିଛା ମାସିକ ୧ କିଲୋ ଡାଲି ଯୋଗାଇ ଦିଆଯାଉଛି । ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ମାଗଣାରେ ହିତାଧିକାରୀଙ୍କୁ ୩ ମାସ ପାଇଁ ଗ୍ୟାସ ସିଲିଣ୍ଡର ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଛି । ନିଜ ଜୀବନକୁ ବାଜିରେ ଲଗାଇ କରୋନା ଯୋଦ୍ଧା ଏଲପିଜି ଡେଲିଭରି ବୟ ଘର ଘର ବୁଲି ପ୍ରତିଦିନ ୬୦ ଲକ୍ଷ ଗ୍ୟାସ ଯୋଗାଉଥିବା ସେ ମତବ୍ୟକ୍ତ କରିଛନ୍ତି ।

ସେହିପରି ଗରିବ, ଦିବ୍ୟାଙ୍ଗ, ବିଧବା ଓ ବାର୍ଧକ୍ୟ ଭତାଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୧ ହଜାର ଟଙ୍କା, କୃଷକ ସମ୍ମାନ ନିଧିରେ ଚାଷୀଙ୍କୁ ୨ ହଜାର ଟଙ୍କା, ଜନଧନ ଆକାଉଂଟ ଥିବା ମହିଳାଙ୍କୁ ମାସିକ ୫୦୦ ଟଙ୍କା ସହାୟତା ଏହି ଯୋଗାଇ ଦିଆଯାଉଛି । ମନରେଗାରେ ମଜୁରୀଙ୍କୁ ମଜୁରୀ ବୃଦ୍ଧି କରାଯାଇଛି, ଜିଲ୍ଲା ଖଣିଜ ପାଣ୍ଠିରୁ କରୋନା ମୁକାବିଲା ପାଇଁ ଖର୍ଚ୍ଚ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଛନ୍ତି । ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ କରୋନା ମୁକାବିଲା ପାଇଁ ବିଶେଷ ଭାବରେ ରାଜ୍ୟ ସରକାରଙ୍କୁ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ ବିଶ୍ୱରେ କରୋନା ମହାମାରୀ ଦ୍ୱାରା ତୈଳ ବଜାର ଉପରେ ପଡିଥିବା ପ୍ରଭାବ ଏବଂ ତୈଳ ଯୋଗାଣ ନେଇ ଦେଶରେ ଥିବା ସମ୍ଭାବନା ଓ କୋରାନା ମହାମାରୀ ସହ ଜଡିତ ଅନେକ ପ୍ରଶ୍ନର ଉତର ରଖିଥିଲେ ।



ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସାଥ ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରଗାଣ ତ

ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେତୁଆର ବାବାଙ୍କ ସମାଧି ଉପରେ

ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେତୁଆର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ

ପୁରାଣ କାହାଣୀ

ହରିଶୟନ ଏକାଦଶୀ

'ହରିଶୟନ'ର ଅର୍ଥ ହେଉଛି ଭଗବାନଙ୍କ ଶୟନ ଅବସ୍ଥା। ତେଣୁ ପ୍ରଶ୍ନ କରାଯାଏ ଯେ, ହରି (ଭଗବାନ)ଙ୍କର ଶୟନରୁ ସୃଷ୍ଟିର ସଞ୍ଚାଳନ କିପରି ହୋଇପାରିବ ? ସଂସ୍କୃତ ସାହିତ୍ୟରେ ହରିର ଅର୍ଥ ସୂର୍ଯ୍ୟ, ଚନ୍ଦ୍ରମା, ବାୟୁ, ବିଷ୍ଣୁ ଆଦି ଅନେକ ଅର୍ଥରେ ନିଆଯାଏ ଓ ଏହି ଅର୍ଥକୁ ନେଇ କୌଣସି ବ୍ୟକ୍ତି ଏହି କଥାକୁ ଅସ୍ୱୀକାର କରିପାରିବେ ନାହିଁ ଯେ, ହରିଶୟନ କରିବାକୁ ଚାଲିଗଲେ ଅର୍ଥାତ୍ ଆଷାଢ଼ର ଚାରିମାସ ଯାଏ ବାୟୁ ଧୀର ହୋଇଯାଏ । ଏହି ସମୟରେ କଷ୍ଟଦାୟକ ରୋଗ, ଆଳସ୍ୟ, ନିଦ୍ରା ଆଦି ପ୍ରତ୍ୟେକ ପ୍ରାଣୀ ଉପରେ ପ୍ରଭାବ ପକାଏ । କୌଣସି କାମ କରିବାକୁ ଇଚ୍ଛା ହୁଏ ନାହିଁ । ହରି ସବୁ ଗୁଣ ପୂରା ଥାନ୍ତି ଏବଂ ଆଷାଢ଼ ଦିନମାନଙ୍କରେ (ଚାରିମାସରେ) ସବୁ ଗୁଣ ପ୍ରାୟ ଲୁପ୍ତ ହୋଇଯାଏ ଏବଂ ତାମସ ପ୍ରବୃତ୍ତି (ନିଦ, ଆଳସ୍ୟ, ରୋଗ, ବିଳାସ ଇତ୍ୟାଦି)ର ଅଧିକତା ଅଧିକ ହୋଇଯାଇଥାଏ । ଏହିପ୍ରକାର ବୈଜ୍ଞାନିକ ଦୃଷ୍ଟିକୋଣରୁ ତାହା ଠିକ୍ ହୋଇଯାଇଥାଏ । କାରଣ ସବୁପ୍ରାଣୀ ହରି ଶୟନ କରିବାକୁ ଚାଲିଯାଆନ୍ତି।

ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କ୍ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖୁଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଡାଇଡାଇ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରୀ କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଉଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ହେଲିଣି।

ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦି ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଇଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରୀଙ୍କୁ କୋର୍ଟର ଚକ୍କର କାଟିବାକୁ ପଡ଼ିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପୋଷାକ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାକିଣି କରିଥିଲେ। ପରବର୍ତ୍ତୀ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନ୍ ସେସନ କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି ଦେଇଛି।

ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିଆର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ

ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିଆର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିଆର

ସହରରେ ରହିଛି। ବେବିଲୋନିଆ

ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ

ଆଇଏସ ବିରୋଧରେ ଅସ୍ତ୍ର

ସିରିଆରେ ୮୯ହଜାର ଖ୍ରୀଷ୍ଟିଆନ

ଲେ ହେଁ ଆଇଏସ ଆତଙ୍କବାଦୀଙ୍କ

ଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

ଆଜିର ଭାଗ୍ୟ

ମେଷ କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବେଶରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମହିଳାମାନେ ସନ୍ତାନ ପାଳନରେ ଧ୍ୟାନ ଦେବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ କର୍ମକ୍ଷେତ୍ରରେ କେତେକ ବିପଦର ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାଇବା ପରିସ୍ଥିତିର ସାମ୍ନା କରିବେ। ସାମାଜିକତା କ୍ଷେତ୍ରରେ ପ୍ରତିଷ୍ଠାର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେମ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପାଇବାରୁ ପାଇଁ ଆଶ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଅଭିଜ୍ଞମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା ହଠାତ୍ ଅର୍ଥ ସମ୍ପର୍କିତ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଷ୍ଟ ଦେଇପାରନ୍ତି।

ତୁଳା ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଦୂର ହେବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ କରିବେ। ଅଧୁରା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ ଯେତେ ବାଧା ସ୍ୱୀକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ୱାମୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ କର୍ମକ୍ଷେତ୍ରରେ ସହଜ ସୁବିଧାରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। କଳା, ସଂସ୍କୃତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢ଼ାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, କ୍ଲୋଜିଂ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡ଼ରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡୋ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢ଼ାଇ ଦେଇଥାଏ ।

ବନ୍ଦରରେ କର୍ମଚାରୀ ପରିବର୍ତ୍ତନ ବ୍ୟବସ୍ଥା ନେଇ ବିଭିନ୍ନ ସଂଗଠନ ସହ ମତ ବିନିମୟ କଲେ ଜାହାଜ ଚଳାଚଳ ମନ୍ତ୍ରୀ

ବିଦେଶରେ ଅଟକି ରହିଥିବା ନାବିକମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ପ୍ରତିଶ୍ରୁତ

ନୂଆଦିଲ୍ଲୀ :କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ ମନସୁଖ ମାଣ୍ଡଭିୟ ଆଜି ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଦେଶର ବିଭିନ୍ନ ସିପ୍ ଲାଇନର, ଜାହାଜ ଚଳାଚଳ କମ୍ପାନୀ, ସାମୁଦ୍ରିକ ଜାହାଜ ଚଳାଚଳ ସଂଘ, ନାବିକ ସଂଘମାନଙ୍କ ସହ ଭାରତୀୟ ବନ୍ଦରରେ ଅଟକି ରହିଥିବା ନାବିକମାନଙ୍କ ପ୍ରତ୍ୟାବର୍ତ୍ତନ ସଂପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ବିଶ୍ୱର ଅନେକ ସ୍ଥାନରେ ସମୁଦ୍ରରେ ଅଟକି ରହିଥିବା ନାବିକମାନଙ୍କ ଦେଖାରଖା ସଂପର୍କୀତ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଛନ୍ତି ।

ଏହି ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ମାଣ୍ଡଭିୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଦେଶରେ କେତେ ଭାରତୀୟ ନାବିକ ଅଟକି ରହିଛନ୍ତି ଯାହାଙ୍କୁ ଭବିଷ୍ୟତରେ ଦେଶକୁ ଫେରାଇ ଅଣାଯିବାର ଅଛି ସେ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ। ଏହି ଅବସରରେ ଶ୍ରୀ ମାଣ୍ଡଭିୟ ବିଭିନ୍ନ ନାବିକ ସଂଗଠନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ଯେ ପରିସ୍ଥିତି ଅନୁକୂଳ ହେବା ମାତ୍ରେ ଅଟକି ରହିଥିବା ନାବିକମାନଙ୍କୁ ଯଥାଶୀଘ୍ର ଫେରାଇ ଆଣିବା ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ। ଦେଶର ଯୋଗାଣ ଶୃଙ୍ଖଳକୁ ଜାରି ରଖିବା ସକାଶେ ନାବିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମାଣ୍ଡଭିୟ ସ୍ୱୀକାର କରିବା ସହ ଏବେ ନାବିକମାନେ ସାମନା କରୁଥିବା ଆହ୍ୱାନକୁ ଯଥାଶୀଘ୍ର ସମାଧାନ କରାଯିବ ଏବଂ ଏଭଳି ପରିସ୍ଥିତିରେ ସେମାନଙ୍କର ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ଅଛି ।

ଶ୍ରୀ ମାଣ୍ଡଭିୟ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଭାରତୀୟ ବନ୍ଦରମାନଙ୍କରେ ଅଟକି ରହିଥିବା ନାବିକମାନଙ୍କ ସହ ସମସ୍ତ ପ୍ରକାର ସୂଚନା ପ୍ରକ୍ରିୟାକୁ ଜାରି ରଖନ୍ତୁ ଯଦ୍ୱାରା ସେମାନଙ୍କୁ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ ।

ଏହି ଭିଡ଼ିଓ କନଫରେନ୍ସିଂ ଆଲୋଚନାରେ ଭାରତୀୟ ଜାତୀୟ ଜାହାଜ ମାଲିକ ସଂଘ (ଆଇଏନଏସଏ), ସାମୁଦ୍ରିକ ଜାତୀୟ ସିପିଂ ଏଜେନ୍ସି - ଭାରତ (ମାନସ), ଭାରତୀୟ ଜାତୀୟ ନାବିକ ସଂଘ (ଏନୟୁଏସଆଇ, ଭାରତୀୟ ନାବିକ ନ୍ୟାସ (ଆଇଏମଏଫ), ଭାରତୀୟ ସାମୁଦ୍ରିକ ସଂଗଠନ (ଏମୟୁଆଇ)ର ପ୍ରତିନିଧିମାନେ ସାମିଲ ହୋଇଥିଲେ ଯ ସେହିଭଳି ସାମୁଦ୍ରିକ ଜାହାଜ ମାଲିକ ପରିଚାଳକ ଓ ଏଜେଣ୍ଟ ସଂଘ (ଏମଏଏସଏସଏ) ଆଦିର ପ୍ରତିନିଧିମାନେ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅନିଦ୍ରାର କୁପ୍ରଭାବ

ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ। ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ। ଅକ୍ସଫୋର୍ଡ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କରିଥାଏ। ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ। ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ସମସ୍ୟା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ। ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ। ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ।

ପର୍ଯ୍ୟବେକ୍ଷକ
ମହାନଗର

ଲକ୍‌ଡାଉନ୍ ସମୟରେ ଭାରତୀୟଙ୍କ ପସନ୍ଦର ସପିଙ୍ଗ୍ ତାଲିକା ଜାରି କରିଛି "ସ୍ନାପ୍‌ଡିଲ୍"

ଭୁବନେଶ୍ୱର: କୋଭିଡ୍-୧୯ ମୁକାବିଲା ଲାଗି ଭାରତୀୟମାନେ ପ୍ରାୟ ଏକମାସ ହେଲାଣି ଲକ୍‌ଡାଉନ୍‌ରେ ଅଛନ୍ତି। ଏହି ସମୟରେ ଭାରତୀୟମାନେ କେଉଁ ସବୁ ଅଣ-ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ ତାହାର ଏକ ତାଲିକା ଦେଶର ଅଗ୍ରଣୀ ଇ-କମର୍ସ ସଂସ୍ଥା ସ୍ନାପ୍‌ଡିଲ୍ ପକ୍ଷରୁ ଜାରି କରାଯାଇଛି। ଏହି ସଂସ୍ଥା ଲକ୍‌ଡାଉନ୍ ସମୟରେ ଅନେକ ବ୍ୟାପକ ବର୍ଗର ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବରାଦ ଗ୍ରହଣ କରିଛି। ଲକ୍‌ଡାଉନ୍ ଅବଧି ଶେଷ ହେବା ପରେ କଂପାନି ସେଗୁଡ଼ିକର ଡେଲିଭରି ଆରମ୍ଭ କରିବ। ବ୍ୟବହାରକାରୀମାନେ ସେଗୁଡ଼ିକୁ କାର୍ଟରେ ସଂରକ୍ଷିତ ରଖିଛନ୍ତି। ବ୍ୟବହାରକାରୀଙ୍କ ସପିଙ୍ଗ୍ କାର୍ଟରେ ୨୪ ଗୁଣା ଅଧିକ ଉତ୍ପାଦ ସାମିଲ ହୋଇଛି। ହାରାହାରି ଭାବେ ପ୍ରତି ଗ୍ରାହକଙ୍କ କାର୍ଟରେ ୯ଟି ଉତ୍ପାଦ ରହିଛି। ସପିଙ୍ଗ ତାଲିକାରେ ପ୍ରାୟ ୨୫% ନୂଆ ଗ୍ରାହକଙ୍କ ବରାଦ ରହିଛି। ବର୍ତ୍ତମାନ ଇ-କମର୍ସ ଜରିଆରେ ଖାଦ୍ୟ, ଗ୍ରୋସରି, ଔଷଧ, ମାସ୍କ ଓ ସାନିଟାଇଜର୍ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରାଯାଉଛି। ସ୍ନାପ୍‌ଡିଲ୍ ଜାରି କରିଥିବା ତଥ୍ୟ ଅନୁଯାୟୀ, ଗ୍ରାହକମାନେ ପୋଷାକ କିଣିବାକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ସପିଙ୍ଗ୍ କାର୍ଟରେ ସାମିଲ କରାଯାଇଥିବା ୪୦ ପ୍ରତିଶତ ଉତ୍ପାଦ ହେଉଛି ପୋଷାକ ସାମଗ୍ରୀ। ଗ୍ରାହକମାନେ ଟି-ସାର୍ଟ, ବରମୁଡା ସର୍ଟସ୍, ସାର୍ଟ, କ୍ରପଡ୍ ଟପ୍, କାଜୁଆଲ ଓ୍ୱାର, ଟ୍ରାକ୍ ପ୍ୟାଂଟ୍ ଏବଂ ନାଇଟ୍ ଓ୍ୱାର ଟପ୍ ଓ ପାଇଜାମାକୁ କାର୍ଟରେ ଯୋଡ଼ିହୋଇଛନ୍ତି। ୩୦୦-୯୦୦ ଟଙ୍କା ମୂଲ୍ୟର ଓପନ୍ ସାଣ୍ଡାଲ୍ ଓ ଫ୍ଲିପ୍ ଫ୍ଲପ୍ ମଧ୍ୟରେ ତାଲିକାରେ ରହିଛି। ପର୍ସନାଲ୍ ଗ୍ରୁମିଂ ଉତ୍ପାଦ ଭିତରେ ପୁରୁଷଙ୍କ ପାଇଁ ଟ୍ରିମର୍, ଏପିଲେଟରସ, ଓ୍ୱାକ୍ସି ଷ୍ଟ୍ରିପସ୍ ଚାହିଦାରେ ଥିବା ବେଳେ ୮୦ ହଜାରରୁ ଅଧିକ ଗ୍ରାହକ ନିଜ କାର୍ଟରେ ଏହି ସବୁ ଉତ୍ପାଦ ସାମିଲ କରିଛନ୍ତି। ବିଉଟି ଉତ୍ପାଦ ଭିତରେ ହେୟାର କଲର ଏବଂ ଆଲୋଭେରା କ୍ରିମ୍ ଅଧିକ ଚାହିଦାରେ ଅଛି। ଏହା ବ୍ୟତୀତ ଗ୍ରାହକମାନେ ଇୟରଫୋନ, ହେଡଫୋନ, ଲାପଟପ ଟେବୁଲ, ହୋମ ପ୍ରିଂଟର, ଓ୍ୱାଇ-ଫାଇ ରାଉଟର, ୟୁଏସବି ଚାର୍ଜର, ଡାଟା କେବୁଲ ଏବଂ ଏକ୍ସଟେନସନ କର୍ଡ ଆଦିକୁ କାର୍ଟରେ ସାମିଲ କରିଥିବା ବେଳେ ବ୍ୟାକ ସପୋର୍ଟ ପିଲୋ କିଣିବାକୁ ମଧ୍ୟ ଆଗ୍ରହ ଦେଖାଇଛନ୍ତି।

ସାରା ଦେଶରୁ ମୋବାଇଲ୍ ଚାର୍ଜର, ସ୍କ୍ରିନ ପ୍ରୋଟେକ୍ଟର ଓ ମୋବାଇଲ୍ ଫୋନ୍ କଭର ପାଇଁ ବରାଦ ଆସିଛି। ଘରକରଣା ଜିନିଷ ଭାବେ ଗ୍ରାହକମାନେ ପ୍ରେସର କୁକର, ରୋଟି ମେକର, ଏଗ୍ ବଏଲର, କଇଂଚି, ବେଡସିଟ, ଟାଓ୍ୱେଲ, ଓ୍ୱାଲ ଡେକୋରେସନ, ବୃକ୍ଷରୋପଣ ପାଇଁ ଦରକାର ସାମଗ୍ରୀ, ପନିପରିବା ବିହନ, ଏଲଇଡି ବଲ୍‌ବ ଓ ଏମର୍ଜେନ୍ସି ଲାଇଟ୍ କିଣିବାକୁ ମଧ୍ୟ ପ୍ରୟାସ କରିଛନ୍ତି। ବ୍ୟାୟାମ ପାଇଁ ଓଜନ ମପା ଯନ୍ତ୍ର, ଟମି ଟ୍ରିମର, ଆବଡୋମିନାଲ ରୋଲର୍ସ, ଜିମ୍ ବଲ୍ ଏବଂ ଫିଟ୍‌ନେସ୍ ବ୍ୟାଣ୍ଡ୍ ଓ ବିଦ୍ୟାଳୟ ଉପକରଣ ଭାବେ ନୋଟବୁକ୍, ପାଠପଢ଼ା ପୁସ୍ତକ, ପେନ୍, ପେନ୍‌ସିଲ୍, କ୍ରେୟନ, ଜ୍ୟାମିତି ବାକ୍ସ ଏବଂ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପରୀକ୍ଷା ପୁସ୍ତକ ପାଇଁ ବରାଦ ଆସିଛି।

ଗ୍ରାହକମାନେ ଆଂଟି ସ୍ନୋରିଂ ଉପକରଣ, ଆଧ୍ୟାତ୍ମିକ ପୁସ୍ତକ, ଷ୍ଟ୍ରେସ୍-ବୁଷ୍ଟର ବଲ, ଲୁଡୋ, ସ୍କ୍ରାବଲ୍ ଓ ୟୁନୋ ଭଳି ଇନ୍‌ଡୋର ଗେମସ୍, କୋମଳ ଖେଳନା, କିଚେନ୍ ସିଙ୍କ୍ ପାଇଁ ଆଂଟି କ୍ଲଗିଂ ଫିଲ୍‌ଟର୍, ଗିଟାର, ବଇଂଶି ଏବଂ ମାଉଥ ଅର୍ଗାନ ଭଳି ସଙ୍ଗୀତ ବାଦ୍ୟଯନ୍ତ୍ର କିଣିଛନ୍ତି। ଲୋକମାନେ ୬୮ ଟଙ୍କାରୁ ଆରମ୍ଭ କରି ୧୮,୨୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସାମଗ୍ରୀ ପାଇଁ ବରାଦ ଦେଇଛନ୍ତି। ପ୍ରାୟ ୭୫% ବରାଦ ଉତରପ୍ରଦେଶ, ପଂଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଓ ମଧ୍ୟପ୍ରଦେଶର ଅଣ-ମେଟ୍ରୋ ସହରରୁ ଆସିଛି।

ଗଙ୍ଗା କୂଳ ମନ୍ଦିରରେ ସାଧୁ ବେଶରେ ପୂଜା କରୁଥିଲେ ମାଓବାଦୀ

କୋଲକାତା:ରାଷ୍ଟ୍ରୀୟ ଯାଂଚ ଏଜେନ୍ସି(ଏନଆଇଏ) ଶନିବାର ହୁଗୁଳି ଜିଲ୍ଲାର ସେବଡାଫୁଲିରୁ ମନୋଜ ଚୌଧୁରୀ ନାମକ ୪୬ ବର୍ଷୀୟ ମାଓବାଦୀଙ୍କୁ ଗିରଫ କରିଛି। ପ୍ରାଥମିକ ତଦନ୍ତୁ ଜଣା ପଡିଛି ଯେ, ଗିରଫ ମାଓବାଦୀ ସାଧୁ ବେଶରେ ଉକ୍ତ ଅଂଚଳରେ ରହୁଥିଲେ। ଗଙ୍ଗା କୂଳରେ ଏକ ମନ୍ଦିରରେ ନିତିଦିନ ପୂଜା କରୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରସାଦ ମଧ ଦେଉଥିଲେ। ଆଖପାଖ ଅଂଚଳର ଲୋକ ତାଙ୍କର ଏହି ଅସଲ ମୁଖା ବିଷୟରେ ତିଳେ ହେଲେ ଜାଣି ପାରିନଥିଲେ। ଶନିବାର ଯେବେ ଏନଆଇଏ ଟିମ୍ ତାଙ୍କୁ ଗିରଫ କରି ନେଇଗଲେ ତେବେ ଯାଇ ଲୋକେ ସତ ଜାଣି ଆଚମ୍ବିତ ହୋଇଗଲେ।

ସୂଚନା ଅନୁଯାୟୀ ଶନିବାର ଏନଆଇଏ ଟିମ୍ ତାଙ୍କୁ ଗିରଫ କରିଥିଲା। ସେ ଝାରଖଣ୍ଡର ଗିରିଡିହ ଅଂଚଳର ବାସିନ୍ଦା ଏବଂ ମାଓବାଦୀ ସଂଗଠନ ସିପିଆଇ ସହ ଜଡିତ ଥିଲେ। ୨୦୦୮ ରୁ ୨୦୧୮ ମଧ୍ୟରେ ଏହି ସଂଗଠନ ଅନେକ ବଡ ବଡ ହିଂସାକାଣ୍ଡ ଘଟାଇଛନ୍ତି। ଏଥିରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ ମଧ ସାମିଲ। ଗିରଫ ମାଓବାଦୀ ବିରୋଧରେ ଆର୍ମ୍ସ ଆକ୍ଟ ସହିତ ଦେଶଦ୍ରୋହର ଧାରା ଆଧାରରେ ମାମଲା ରୁଜୁ କରାଯାଇଥିଲା। ଏନଆଇଏ ଦୀର୍ଘ ବର୍ଷରୁ ତାଙ୍କ ସନ୍ଧାନରେ ଥିଲା। ମନୋଜ ଚୌଧୁରୀ ଉଗ୍ରବାଦୀ ଗତିବିଧି ପାଇଁ ରିୟଲ ଏଷ୍ଟେଟ କାରବାର ଜରିଆରେ ଫଣ୍ଡ ଯୋଗାଡ କରିବା କାମରେ ନିୟୋଜିତ ଥିଲା। ୨୦୧୮ରେ ମନୋଜ ବିରୋଧରେ ଚାର୍ଜସିଟ୍ ଦାୟର କରାଯାଇଥିଲା। ଏହା ପରଠୁ ସେ ନିଖୋଜ ହୋଇ ଯାଇଥିଲା। କୁହାଯାଉଛି, ଝାରଖଣ୍ଡର ଗିରିଡିହର ହୁଗୁଳି ଜିଲ୍ଲାର ସେବଡାଫୁଲି ଚାଲି ଆସିଥିଲା। ଏଠାରେ ଗଙ୍ଗା ନଦୀ କୂଳ ଏକ ମନ୍ଦିରରେ ବେଶ ବଦଳାଇ ସାଧୁ ଭାବେ ରହୁଥିଲା। ଏନଆଇଏ ଟିମ ଏହାର ସୁରାଗ ପାଇବା ମାତ୍ରେ ତୁରନ୍ତ ପଶ୍ଚିମବଙ୍ଗ ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସଟିଏଫ) ସହ ଯୋଗାଯୋଗ କରିଥିଲା।ଏହା ପରେ ଏନଆଇଏ ଟିମ୍ କୋଲକାତାର ଭବାନୀ ସ୍ଥିତ ପୋଲିସ ମୁଖ୍ୟାଳୟରେ ପହଁଚିଥିଲା। ସେଠାରୁ ହୁଗୁଳି ଜିଲ୍ଲା ପୋଲିସକୁ ତଦନ୍ତରେ ସାହାଯ୍ୟ କରିବାକକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାର ଶ୍ରୀରାମପୁର ଥାନା ପୋଲିସର ସହାୟତାରେ ମନୋଜକୁ ଏନଆଇଏ ଗିରଫ କରିଥିଲା। ଯେବେ ତାଙ୍କୁ ଗିରଫ କରିବାକୁ ପୋଲିସ୍ ଟିମ୍ ପହଁଚିଥିଲା, ସେହି ସମୟରେ ସେ ପୋଲିସକର୍ମୀଙ୍କୁ ଭକ୍ତିର ପାଠ ପଢାଉଥିଲା। ନିଜକୁ ସାଧୁର ପରିଚୟ ଦେଇ ନିଜ ଜିଦରେ ଅଡି ରହିଥିଲା। ମାତ୍ର ଯେବେ ଏନଆଇଏ ଟିମ୍ ଖୁଲାସା କରିବାରୁ ସେ ଫେରାର ମାରିବାକୁ ଚେଷ୍ଟା କରିଥିଲା। ଏହା ପରେ ଟିମ୍ ତାଙ୍କୁ ଧରି ରାଂଚି କୋର୍ଟରେ ହାଜର କରିଥିଲା। କୋର୍ଟ ମନୋଜଙ୍କୁ ୫ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି।

ହିନ୍ଦୁସ୍ଥାନ ସମାଚାର/ ଓମ ପ୍ରକାଶ

ବର୍ଷା ସହ ବଜ୍ରପାତ ସମ୍ଭାବନା : ୧୧ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

ଭୁବନେଶ୍ୱର, (ପିଏନ)-- ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର। ଏଥିନେଇ ରାଜ୍ୟର ୧୧ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣି ଜାରି କରାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ରାୟଗଡା, ଗଜପତି, କନ୍ଧମାଳ, କଳାହାଣ୍ଡି ଓ କେନ୍ଦ୍ରାପଡା। ଅନ୍ୟପକ୍ଷରେ ରବିବାର ସନ୍ଧ୍ୟା ସୁଦ୍ଧା ଉପକୂଳ ଓଡିଶା, ଅନୁଗୁଳ, ସୁନ୍ଦରଗଡ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ରାୟଗଡା, ନୂଆପଡାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ଭୁବନେଶ୍ୱର :କୋଭଡ୍-୧୯ ବିରୁଧରେ କାର୍ଯ୍ୟକରୁଥିବା ଡାକ୍ତର ନର୍ସ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ୫୦ ଲକ୍ଷ ଟଙ୍କାର ଇନ୍ସୁରାନସ୍ ବୀମା ସଂପୂର୍ଣ୍ଣ ପେନସନ୍ ସୁବିଧା ଓ ରାଷ୍ଟ୍ରୀୟ ସମ୍ମାନ ଦେବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ନିଷ୍ପତିକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତଥା ଜାତୀୟ ଉପସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସାଂସଦ ସ୍ୱାଗତ ଜଣାଇଛନ୍ତି। ଆଜି ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଭାରତ, ବାଙ୍ଗାଲାଦେଶ, ନେପାଳ, ଶ୍ରୀଲଙ୍କା ପ୍ରଭୃତି ଦକ୍ଷିଣ ଏସିଆ ରାଷ୍ଟ୍ର ଗୁଡ଼ିକରେ କାର୍ଯ୍ୟ କରୁଥିବା ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ୟୁନିଅନ ଓ ଫେଡେରସନ ମାନଙ୍କର କୋଭିଡ଼-୧୯ ଉପରେ ଅନୁଷ୍ଠିତ ଏକ ଭିଡ଼ିଓ କନଫେରନ୍ସ ବୈଠକରେ ଅଧକ୍ଷତା କରି ଡଃ ରାମଚନ୍ଦ୍ର ଖୁଂଟିଆ ଓଡ଼ିଶା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତିକୁ ସ୍ୱାଗତ ଜଣାଇବା ସଂଗେ ସଂଗେ ଭାରତରେ, ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ବ୍ୟତୀତ, ମ୍ୟୁନିସ୍‌ପାଲଟି କର୍ମଚାରୀ, ସଫେଇ କର୍ମଚାରୀ, ବିଦ୍ୟୁତ କର୍ମଚାରୀ, ପୋଲିସ୍ କର୍ମଚାରୀ ଓ କୋଭିଡ଼-୧୯ ସଂକ୍ରମଣ ସ୍ଥିତିରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ କର୍ମଚାରୀମାନଙ୍କର ଜୀବନବୀମା କରିବା ସହିତ ସଂକ୍ରମଣ ସମୟରେ ବିତରଣ କରି ଅଧିକ ସମୟ କାର୍ଯ୍ୟ କରୁଥିବାରୁ ଲକ୍ ଡାଉନ୍ ପିରିୟଡ଼ରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ୨୫ ପ୍ରତିଶତ ଦରମା ଦେବା ପାଇଁ ଏହି ବୈଠକରେ ଦାବୀ କରି ପ୍ରସ୍ତାବ ଗୃହିତ ହୋଇଛି। ଅନ୍ୟ ପକ୍ଷରେ ଲକ ଡାଉନ୍ ଏକ ସ୍ଥାୟୀ ସମାଧାନ ନୁହେଁ। ଲକ୍ ଡାଉନ ପରେ ସମସ୍ତ ଶ୍ରମିକ କର୍ମଚାରୀ ବିଶେଷ ଭାବରେ ଦେଶ ବାହାରୁ ଓ ବିଭିନ୍ନ ପ୍ରଦେଶରୁ ନିଜ ଘରକୁ ଫେରୁଥିବା ସମସ୍ତ ପ୍ରବାସୀ ଶ୍ରମିକମାନଙ୍କୁ କରୋନା ଟେଷ୍ଟିଙ୍ଗ କରାଯିବା ପାଇଁ ଦାବୀ କରାଯାଇଛି। ଲକ୍ ଡାଉନ ପରେ କାର୍ଯ୍ୟ ଆରମ୍ଭ ହେବା ସମୟରେ ଶାରୀରିକ ଦୁରତ୍ୱ ମେଂଟନ୍ କରିବା, ମାକ୍ସ, ଜୋତା, ଗ୍ଲୋବସ୍ ଓ ସମସ୍ତ ବ୍ୟକ୍ତିଗତ ପୋଷାକ ଦେବା ପାଇଁ ମାଲିକ ମାନଙ୍କୁ କଡା ନିର୍ଦ୍ଦେଶ ଦେବା ପାଇଁ ଦାବୀ କରାଯାଇଛି। ପ୍ରବାସୀ ଶ୍ରମିକମାନେ ଦେଶ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରୁଛନ୍ତି। ଆମ ଦେଶରୁ ପ୍ରାୟ ଅଢ଼େଇ କୋଟି ଲୋକ ଦେଶ ବାହାରେ କାମ କରୁଛନ୍ତି। ଭାରତ ବର୍ଷକୁ ୭୮ ବିଲିୟନ, ଆମେରିକା ଡଲାର, ରେମିକାଂଟ ପାଉଛି। ସେହିପରି ନେପାଳ, ବାଙ୍ଗାଲାଦେଶ, ଶ୍ରୀଲଙ୍କା, ପାକିସ୍ଥାନ ମଧ୍ୟ ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ବୈଦେଶିକ ମୁଦ୍ରା ଅର୍ଜନ କରୁଛନ୍ତି। ଆମ ଭାରତରେ ବିଭିନ୍ନ ପ୍ରଦେଶରେ ନିଯୁକ୍ତ ପ୍ରାୟ ସାଢ଼େ ୪ କୋଟିରୁ ଅଧିକ ପ୍ରବାସୀ ଶ୍ରମିକ, ସାଢ଼େ ୩ କୋଟିରୁ ଅଧିକ ନିର୍ମାଣ ଶ୍ରମିକ ଓ ୧୪ କୋଟିରୁ ଅଧିକ ରେଷ୍ଟିଭୁକ୍ତ ନରେଗା ଶ୍ରମିକ ଅଛନ୍ତି। ଏତଦ୍ ବ୍ୟତିତ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ, ଟ୍ୟାକ୍ସି ଡ୍ରାଇଭର, ଅଟୋ ଡ୍ରାଇଭର, ଭେଣ୍ଡର, ଘରୋଇ ଶ୍ରମିକ, ଦୈନିକ ମଜୁରିଆ ଏହି ଲକ ଡାଉନ ଫଳରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଏବଂ ଏହି ସମସ୍ୟା ଆଗାମୀ ଜୁଲାଇ ମାସ ପର୍ଯ୍ୟନ୍ତ ରହିବାର ଆଶଙ୍କା ଅଛି ଓ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଦିଆଯାଇଥିବା ସାହାଯ୍ୟ ଯଥେଷ୍ଟ ନୁହେଁ। ସେଥିପାଇଁ ଏକ ଅର୍ଥନୈତିକ ପ୍ୟାକେଜ୍ ଦେବା ଆବଶ୍ୟକ। ଓଡ଼ିଶାରେ ଏବଂ ଦିଲ୍ଲୀରେ ନିର୍ମାଣ ଶ୍ରମିକ ୱେଲଫେଆର ବୋର୍ଡ଼, ରେଷ୍ଟିଭୁକ୍ତ ସମସ୍ତ ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯାଇନାହିଁ। ଓଡ଼ିଶାରେ ୨୯ ଲକ୍ଷ ରେଷ୍ଟିଭୁକ୍ତ ଥିଲେ ମଧ୍ୟ ୭ ଲକ୍ଷ ଶ୍ରମିକଙ୍କୁ ଏହି ସାହାଯ୍ୟରୁ ବଂଚିତ କରାଯାଇଛି। ଶ୍ରମିକମାନେ ରେନ୍ୟୁ କରିବା ପାଇଁ ଦରଖାସ୍ତ କରୁଥିଲେ ମଧ ତାଙ୍କର ନବିକରଣ ହୋଇନଥିବା ଦର୍ଶାଇ ତାଙ୍କୁ ଅର୍ଥନୈତିକ ସାହାଯ୍ୟରୁ ବଂଚିତ କରାଯାଇଅଛି। ତେଣୁ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଡଃ ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ଆନ୍ତର୍ଜାତିକ ନିର୍ମାଣ ମହାସଂଘ ତରଫରୁ ଅନୁଷ୍ଠିତ ଏହି ଭିଡ଼ିଓ କନଫରେନ୍ସକୁ ଡଃ ରାଜୀବ ଶର୍ମା, ଶ୍ରୀମତୀ ପ୍ରେରଣା ପ୍ରସାଦ ସଂଯୋଜନା କରିଥିଲେ। ଭାରତ, ବାଙ୍ଗାଲାଦେଶ, ନେପାଳ ଓ ଶ୍ରୀଲାଙ୍କ ଦେଶର ପ୍ରାୟ ୩୦ ଜଣ ଶ୍ରମିକ ନେତା ଏହି ଭିଡ଼ିଓ କନ୍‌ଫରେନ୍ସରେ ଭାଗ ନେଇଥିଲେ।

ଧାମରା ବନ୍ଦର ଆଗରେ ଅହେତୁକ ଭିଡ, ସାମାଜିକ ଦୂରତାକୁ ଫୁ

ଭଦ୍ରକ, **(ପିଏନ)**- ଧାମରା ବନ୍ଦର ଆଗରେ ସାମିଜିକ ଦୂରତାକୁ ନେଇ ପ୍ରଶ୍ନବାଚୀ ହୋଇବ ପଡିଛି।ସାରା ବିଶ୍ୱରେ କରୋନାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଧାମରା ବନ୍ଦର ପ୍ରଶାସନ ଏହାକୁ ଫୁ କରି ଦେଇଛି। ଆଜି ସକାଳ ସମୟରେ ଧାମରା ବନ୍ଦର ସମ୍ମୁଖ ଫାଟକ ଆଗରେ ବନ୍ଦର କର୍ମଚାରୀ ଏବଂ ଅନ୍ୟ ଶ୍ରମିକ ମାନେ ନାହିଁ ନଥିବା ଭିଡ ଜମାଇଥିଲେ। ରାଜ୍ୟର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଧାମରା ବନ୍ଦରରେ ଏହି ଅହେତୁକ ଭିଡକୁ ଦେଖି କର୍ମଚାରୀ ମାନେ ନିଜ ନିଜ ମଧ୍ୟରେ ଛାନିଆ ହୋଇ ପଡିଛନ୍ତି କିପରି ଏହି କରୋନା ରୋଗରୁ ନିଜେ ସଚେତନ ହୋଇ ପାରିବେ ସେ ନେଇ ମଧ୍ୟ ନିଜ ମଧ୍ୟରେ ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା।

କରୋନା ସମୟରେ ଏହି ସାମାଜିକ ଦୂରତା କୁ ବଜାଇ ରଖିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ଜିଲ୍ଲା ପ୍ରଶାସନ ବନ୍ଦର କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିବା ବେଳେ ଏହି ସାମାଜିକ ଦୂରତା କଣ ତାହା ବନ୍ଦର କର୍ତ୍ତୃପକ୍ଷଙ୍କ ପାଇଁ ଅହେତୁକ ପ୍ରଶ୍ନ ହୋଇ ପଡିଛି। ଏ ବିଷୟରେ ଧାମରା ଠାରେ ଅବସ୍ଥାପିତ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ ସେ ପୁଲିସ ପ୍ରଶାସନ ସାହାଯ୍ୟ ନେଇ ଗତକାଲି ଧାମରା ବନ୍ଦରର ୩ଜଣ କର୍ମଚାରୀ ଭଦ୍ରକ ଜିଲ୍ଲାର ଜଣେ କରୋନା ପୋଜିଟିଭ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବାରୁ ସେମାନଙ୍କୁ ଦୋସିଙ୍ଗା କ୍ୱାରେଣ୍ଟାଇନ କେନ୍ଦ୍ରରେ ରହିଥିବା ବେଳେ ବନ୍ଦର ପ୍ରଶାସନ କି ଭଳି ଏହି ସାମାଜିକ ଦୂରତା ବଜାଇ ରଖୁ ନାହିଁ ତାହା ପ୍ରଶ୍ନବାଚୀ ହୋଇ ପଡିଛି ବୋଲି ମତ ରଖିଥିଲେ। ଆଗାମୀ ଦିନରେ ବନ୍ଦର ପ୍ରଶାସନର ଏହି ବିଚିତ୍ରନୀତି ପ୍ରତି ଭଦ୍ରକ ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନ ସଜାଗ ରହିବା ଜରୁରୀ ବୋଲି ଅଂଚଳର ବୁଦ୍ଧିଜିବୀ ଦାବୀ ଜଣାଇଛନ୍ତି।

ଯୁବକ ଗୁରୁତର, ଚିକିତ୍ସା ନିମନ୍ତେ ମେଡ଼ିକାଲରେ ଭର୍ତି

ବାରିପଦା,(ପିଏନ)- ଅପରାହ୍ନ ପ୍ରାୟ ୩ଟା ସମୟରେ ବାରିପଦା ଷ୍ଟେସନ ବଜାର ରାସ୍ତା ପାର୍ଶ୍ୱରେ ଜନୈକ ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଧାରୁଆ ଅସ୍ତ୍ରରେ ଆକ୍ରମଣର ଶିକାର ପାଲଟି ଗୁରୁତର ଭାବେ ଆହତ ଅବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବାରିପଦା ପୌରପରିଷଦର ୨୦ ନମ୍ବର ଓ୍ୱାର୍ଡ଼ ବାସିନ୍ଦା ଟେଂଟ ମୁଖୀଙ୍କୁ ବାରିପଦା ଟାଉନ ଥାନା ପୁଲିସ ଉଦ୍ଧାର କରିବା ପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତି କରିଥିବାର ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଟେଂଟ ମୁଖୀ ନିଜ ସ୍ତ୍ରୀ ଭାରତୀ ମୁଖୀ ଓ ଝିଅ ସହିତ ବାରିପଦା ହାଟକୁ ସଉଦାପତ୍ର କିଣିବାକୁ ଆସି ବିଶ୍ରାମ ନେଉଥିବା ବେଳେ ହାଟରେ ଜନସାଧାରଣଙ୍କ ଦାନ୍ତ ସଫା କରାଇବା ନିମନ୍ତେ ବ୍ୟବସାୟ ଚଳାଇଥିବା ଜଣେ ଅଚିହ୍ନା ବ୍ୟକ୍ତି ଟେଂଟ ମୁଖୀଙ୍କ ସ୍ତ୍ରୀ ଉପର ଦେଇ ଡ଼େଇଁ ପାରି ହୋଇଯାଇଥିଲା। ଟେଂଟ ଏହାର ପ୍ରତିବାଦ କରିବାରୁ ବ୍ୟକ୍ତି ଜଣକ ଉତକ୍ଷିପ୍ତ ହୋଇ ପାଖରେ ରଖିଥିବା ଏକ ଧାରୁଆ ଅସ୍ତ୍ରରେ ଟେଂଟଙ୍କ ଛାତିରେ ବାରମ୍ବାର ଆଘାତ କରିଥିଲା ।

ଟ୍ରାନ୍ସପୋର୍ଟର ଏବଂ ଡ୍ରାଇଭରମାନଙ୍କର ଅଭିଯୋଗ ସମାଧାନ ଲାଗି ଉପଯୋଗ ହେବ ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷ

ନୂଆଦିଲ୍ଲୀ : ଲକଡାଉନ ସମୟରେ ଦେଶବ୍ୟାପୀ ଆନ୍ତଃରାଜ୍ୟ ଗମନାଗମନ ନିମନ୍ତେ ଖାଲି ଟ୍ରକ ସହିତ ମାଲବାହୀ ଗାଡ଼ିର ଡ୍ରାଇଭର/ଟ୍ରାନ୍ସପୋର୍ଟରମାନଙ୍କ ଅଭିଯୋଗ/ପ୍ରସଙ୍ଗର ସମାଧାନ ଦ୍ରୁତଗତିରେ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷର ଉପଯୋଗ କରାଯିବା ଲାଗି ନିଷ୍ପ ନିଆଯାଇଛିୟ ଏହି ନିୟନ୍ତ୍ରଣ କକ୍ଷରେ ଅଭିଯୋଗ ସମାଧାନ ନିମନ୍ତେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ (ଏମଓଆରଟିଏଚ)ର ଅଧିକାରୀମାନଙ୍କୁ ନିୟୋଜିତ କରାଯାଉଛି ।

ଲକଡାଉନ ସମୟରେ ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷ ନମ୍ବର ୧୯୩୦କୁ ଖୋଲାଯାଇଛି । ଲକଡାଉନ ସମୟରେ ଏହି ନମ୍ବରକୁ କଲ କରି ଚାଳକ, ଟ୍ରାନ୍ସପୋର୍ଟରମାନେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ । ଏହା ବ୍ୟତୀତ ଏନଏଚଏ ।ଇ ହେଲ୍ପଲାଇନ ନମ୍ବର ୧୦୩୩ରେ କଲ କରି ଜାତୀୟ ରାଜପଥ ସଂକ୍ରାନ୍ତ ଅଭିଯୋଗ କରାଯାଇପାରିବ । ଏମଓଆରଟିଏଚ, ଏନଏଚଏଆଇ, ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶର ପରିବହନ ବିଭାଗ ଓ ପରିବହନ ସଂଘ ଆଦି ଡ୍ରାଇଭର, ଟ୍ରାନ୍ସପୋର୍ଟରମାନଙ୍କୁ ଉଚିତ ସୂଚନା ପ୍ରଦାନ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷରେ ଏମଓଆରଟିଏଚର ଅଧିକାରୀମାନେ ଗୃହ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷରେ ନିୟୋଜିତ ହେବା ଫଳରେ ସେମାନେ ପରିବହନ କ୍ଷେତ୍ର/ଚାଳକଙ୍କ ସହ ଜଡ଼ିତ ଅଭିଯୋଗ ଲେଖିବା ଓ ସେଗୁଡ଼ିକର ସମାଧାନ କରିବାରେ ସହାୟତା କରିବେ । ଏମଓଆରଟିଏଚର ଅଧିକାରୀମାନେ ଏପରି ଅଭିଯୋଗ ସଂକ୍ରାନ୍ତରେ ଦୈନିକ ରିପୋର୍ଟ ମଧ ସଂଗ୍ରହ କରିବେ ।

ଏହା କୁହାଯାଇପାରେ ଯେ ଲକଡାଉନ ସମୟରେ ଯାତାୟାତକୁ ଗୃହ ମନ୍ତ୍ରଣାଳୟର ଆଦେଶ ଓ ଦିଶାନିର୍ଦ୍ଦେଶ ଅନୁଯାୟୀ ନିୟନ୍ତ୍ରିତ କରାଯାଉଛି ।

ଏଥିରେ ଡ୍ରାଇଭର ଓ ଟ୍ରାନ୍ସପୋର୍ଟରଙ୍କ ଦ୍ୱାରା ଖାଲି ଟ୍ରକ ସହିତ ମାଲବାହୀ ଯାନରେ ନିୟୋଜିତ ଡ୍ରାଇଭର ଓ କ୍ଲିନର ସେମାନଙ୍କ ଘରୁ ଟ୍ରକ ପାର୍କିଂ ଅ ଲ ପର୍ଯ୍ୟନ୍ତ ଯିବା ଏବଂ ଆନ୍ତଃରାଜ୍ୟ ଯାତାୟାତ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମାଧାନ କରାଯିବାର ସୁବିଧା ରହିଛି । ଏହି ବ୍ୟବସ୍ଥା ଫଳରେ ଭାରତରେ କୋଭିଡ-୧୯ ମହାମାରୀ ସଂକ୍ରମଣକୁ ପ୍ରତିହତ କରିବା ଲାଗି ଜାରି ହୋଇଥିବା ଲକଡାଉନ ସମୟରେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ସୃଷ୍ଟି ହେଉଥିବା ସମସ୍ୟା ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି।


ADMISSION OPEN
MAHARISHI PLAY SCHOOL
LAUGH PLAY LEARN SHARE
PLAYGROUP(2+)
NURSERY(3+)
LKG, UKG
STD 1 TO V
Find the difference
FACILITIES
- Surveillance through CCTV Camera
- Small Classes
- Congenial Environment
- Intimate, Safe & secured place
- Experienced & loving teachers
- Individual attention to each child
- Spacious Playground
- Transport Facilities
- Hobby Classes on every Saturday

COACHING CLASSES : FOR STD I TO X
TIMING 5 PM TO 6.30 PM
25% SEATS ARE RESERVED FOR EWS STUDENTS IN STD 1
ENROLL YOUR CHILD TODAY
MAHARISHI PUBLIC SCHOOL
N4/F/24, IRC Village
Nayapalli, Bhubaneswar
Tel:0674-2558884,2550786
Email: maharishipublic13@gmail.com
CALL NOW FOR APPLICATION

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Tuesday, May 05,2020 ଭୁବନେଶ୍ୱର ମଙ୍ଗଳବାର ମଇ ୦୫,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

କରୋନା ଲଢ଼େଇରେ ଓଡ଼ିଶା

ଭୟାବହର ଆବରଣ ଭିତରେ ଫସି ରହିଛି ସମ୍ପୂର୍ଣ୍ଣ ମାନବସମାଜ। ଚୀନ , ଇଟାଲି ପରେ ପରେ ଭାରତ ଆଉ ଏବେ ଓଡ଼ିଶାରେ କରୋନା ସନ୍ଦିଗ୍ଧ ଚିହ୍ନଟ ହେବା ପରେ ଭୟର ପରିସର ଆହୁରି ବ୍ୟାପକ ହେବାରେ ଲାଗିଲାଣି। ଏହାରି ମଧ୍ୟରେ ଗୁଜବର ବଜାର ବି ବେଶ ବଢ଼ିବାରେ ଲାଗିଛି। ଲୋକଙ୍କ ମଧ୍ୟରେ ସୃଷ୍ଟି ହୋଇଛି ନାହିଁ ନଥିବା ଆତଙ୍କ। ମୃତ୍ୟୁର ମାୟାଜାଲ ରଚିସାରିଲାଣି ଏହି କରୋନା। ସମୟର ସାରାଂଶରେ ଏହା ଏବେ ସମାଜ ପାଇଁ ସାଜିଛି ଏକ ପ୍ରମୁଖ ଶୀର୍ଷକ। ଏବର ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଭାବେ ଅନୁମେୟ ଯେ କରୋନାକୁ ନେଇ କେବଳ ଦେଶ କାହିଁକି ସାରା ବିଶ୍ୱ ଏବେ ଆତଙ୍କର ପରିସୀମା ଭିତରେ ଦିନ କାଟୁଛି। କିନ୍ତୁ ଏହାରି ଭିତରେ ଓଡ଼ିଶା ବେଶ ବ୍ୟବସ୍ଥିତ ଢ଼ଙ୍ଗରେ କରୋନାର ମୁକାବିଲା କରିବା ସହ ଅନେକ ନୂତନ ଓ ସଚେତନତା ବ୍ୟବସ୍ଥାକୁ ଆପଣାଇଛି। ଏସବୁକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା – କରୋନା ଲଢ଼େଇରେ ଓଡ଼ିଶା...

ଛାତ୍ରଛାତ୍ରୀଙ୍କ ପାଇଁ ଅନଲାଇନ ଶିକ୍ଷାଦାନ ବ୍ୟବସ୍ଥା :

କରୋନା – ଏବ ସବୁଆଡ଼େ ଏହାକୁ ନେଇ ତର୍କ ଆଉ ବିତର୍କ। କରୋନା ଏବେ ସମଗ୍ର ବିଶ୍ୱକୁ ଏକ ପ୍ରକାର ଚିନ୍ତାରେ ପକାଇଦେଇଛି। ସବୁଆଡ଼େ ଏବେ ଆଶଙ୍କାର ବାତାବରଣ। ଆତଙ୍କର ଆବରଣରେ ଦିନ କାଟୁଛି ମଣିଷ। ସବୁକିଛି ଆଜି ନିସ୍ତବ୍ଧ। ସାରା ଭାରତ ଆଜି ଲକଡ଼ାଉନ। ତାଲାବନ୍ଦ ଜୀବନ ଜୀଉଁଛନ୍ତି ସାରା ଭାରତବାସୀ। କରୋନା ମହାମାରୀର କାୟା ଏବେ ବିସ୍ତାର କରି ଚାଲୁଥିବା ସମୟରେ ଏହା ସାଧାରଣ ଜୀବନକୁ ଖୁବ ଅଧିକ ଭାବେ ପ୍ରବାହିତ କରିଛି। ତେବେ ହଠାତ୍ ଭାରତରେ ଲକଡ଼ାଉନ ହେବା ଯୋଗୁଁ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ହୋଇଥିଲା। ତେବେ ଶିକ୍ଷା ଯିଏ ଜୀବନର ଗତିପଥକୁ ବଦଳାଏ , ସେଥିରେ ଅସୁବିଧା ଉପୁଜିଲେ ନିଶ୍ଚୟ ଭାବରେ ଛାତ୍ରଜୀବନ ପ୍ରଭାବିତ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟରେ ରଖି ବର୍ତ୍ତମାନ ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ମାନଙ୍କରେ ଅନଲାଇନ ପାଠ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ତେବେ ଅନଲାଇନ ଶିକ୍ଷାଦାନ ଜରିଆରେ ଶିକ୍ଷକ ମାନେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ଅନଲାଇନ ପାଠପଢ଼ା କେତେଦୂର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଗ୍ରହଣ ହୋଇପାରିଛି ତାହା ହିଁ ଦେଖିବାର ସମୟ।

କରୋନା ମୁକାବିଲାରେ ଚାଷୀକୁଳ:

ଚାଷ – ସଭ୍ୟତା ଓ ସଂସ୍କୃତିର ମୌଳିକ ଉପାଦାନ। ଚାଷ – ଏକ ସ୍ୱର୍ଗୀୟ ଅବଲୋକନର ପରିଭାଷା। ଏକ ମହାର୍ଘ୍ୟ ଅନୁଭୂତି। ଗାଁ ମଫସଲିଆ ସେ। ଦରଦୀ ହୃଦୟରେ ସେ ମହାନ ବ୍ୟକ୍ତିତ୍ୱ। ତାରି ପାଇଁ ଜୀବନ ଜୀଇଁବାର ଆଶା ଦେଖେ ମଣିଷ। ମାଟି ମାର ସେ କୁଶଳୀ କାରିଗର। ଶ୍ୟାମଳ ଜମିରୁ ସୁବର୍ଣ୍ଣ ଫଳେଇବାରେ ସେ ମାହିର। ସଭ୍ୟତାର ମାପକାଠି। ସେ ନଥିଲେ ଦିନରେ ଦି ଓଳି ଖାଇବା ସ୍ୱପ୍ନ ପାଲଟିଯିବ। ସତରେ ସେ ହିଁ ପ୍ରକୃତ ବିଦ୍ଧାଣୀ। ସମୟର ସାରାଂଶରେ ସେ ମୁକୁଟବିହୀନ ସମ୍ରାଟ। ତାରି ପାଇଁ ପଡ଼ିଆ ଜମି ଜୀବନ୍ୟାସ ପାଏ। କାଦୁଅ ବିଲର ସେ ଚିରପରିଚିତ ସାଥୀଟିଏ। ସେ ଧରିତ୍ରୀମାତାର ଅମୃତସନ୍ତାନ। ମାଟି ସହ ତାର ସମ୍ପର୍କ ସତରେ ଏକ ଅଭିନବ ପରିକଳ୍ପନା। ମୁଖର ଶବ୍ଦକୁ ହାତର ଯାଦୁଗରୀରେ ବାସ୍ତବତାର ରୂପ ଦେବାରେ ସେ ଧୂରନ୍ଧର। ଖରା ହେଉ କି ବର୍ଷା , କର୍ତ୍ତବ୍ୟର ପରିଧିରୁ ବିଚ୍ୟୁତ ହୁଏନାହିଁ। ସେଇଥି ପାଇଁ ତ ସେ ଜାତିର ଅନ୍ନଦାତା। ସେ ହେଉଛଇ ଚାଷୀ। ନିରୀହ ଚେହେରା ଭିତରେ ସେ ସାଜେ ସମାଜର ମଙ୍ଗୁଆଳ। ତାରି ପାଇଁ ଖାଦ୍ୟ ପାଲଟେ ଆମର ମୌଳିକ ଆବଶ୍ୟକତା। ଆଜି ସାରା ବିଶ୍ୱରେ କରୋନା ମହାମାରୀ ଏକ ଭୟର ବାତାବରଣ ସୃଷ୍ଟି କରିଥିବା ସମୟରେ ସବୁଆଡ଼େ ଏହାକୁ ପ୍ରତିହତ କରିବା ପାଇଁ ଉଦ୍ୟମ ଚାଲିଛି। ସାରା ଭାରତରେ ମଧ୍ୟ ଲକଡ଼ାଉନ ଅବଧି ଆହୁରି ବଢ଼ଇଯାଇଥିବା ବେଳେ ସମସ୍ତେ ସରକାରଙ୍କ ଗାଇଡ଼ଲାଇନକୁ ଅନୁସରଣ କରୁଛନ୍ତି। କିନ୍ତୁ ଏହାରି ଭିତରେ ଚାଷୀ ଓ ଚାଷ ଜୀବନ ବି କିଛି ମାତ୍ରାରେ ପ୍ରଭାବିତ ହୋଇଛି , ଏହାକୁ ଅସ୍ୱୀକାର କରାଯାଇନପାରେ। ବର୍ତ୍ତମାନ ମୁଗ , ବିରି ଅମଳ କରିବା ସମୟ ଥିଲା। ପାନ ବରଜ ବି ଅମଳ ହେବାର ସମୟ ଥିଲା। କିନ୍ତୁ ଆଜି ସେବସୁରେ ବି ଯେମିତି ତାଲାବନ୍ଦ ପରିସ୍ଥିତି ଉପୁଜିଛି। ଡ଼ାଲିଜାତୀୟ ଫସଲ କ୍ଷେତରେ ପଡ଼ି ନଷ୍ଟ ହେବାକୁ ବସିଲାଣି। ସରକାର ଚାଷୀଙ୍କ ସୁବିଧା ନିମନ୍ତେ କଟକଣା କୋହଳ କରିଛନ୍ତି ସତ କିନ୍ତୁ ଏହାକୁ ତୃଣମୂଳ ସ୍ତରରୁ ବିଚାର କରି ଚାଷୀଙ୍କ ସମସ୍ୟା ଦିଗରେ ଦୃଷ୍ଟି ଦେବା ନିତ୍ୟାନ୍ତ ଅବାଶ୍ୟକ। କାରଣ ଯିଏ ସମାଜର ମେରୁଦଣ୍ଡ ସିଏ ଯଦି ଭାଙ୍ଗିପଡ଼ିଲା , ଦେଶର ଅର୍ଥନୀତି ମଧ୍ୟ ବହୁ ପଛରେ ପଡ଼ିଯିବ , ଏଥିରେ ସନ୍ଦେହ ନାହିଁ।

ଯୁବବର୍ଗଙ୍କ ସଚେତନତା ମନ୍ତ୍ର:

ଏନ୍ତୁଡ଼ିଶାଳରୁ ଆରମ୍ଭ ହୋଇ ଚିତାନିଆଁରେ ପରିସମାପ୍ତି ଘଟେ ଏଇ ଜୀବନସଂଗ୍ରାମର ପରିଧି। ଜୀଇଁବା ପାଇଁ ସମାଜରେ ଚାଲେ ଅବିରତ କସରତ। ମନରେ ଥାଏ ଅଫୁରନ୍ତ ଆଶା। ସ୍ୱପ୍ନ,ସମ୍ଭାବନାକୁ ପାଥେୟ କରି ଜୀବନର ରାଜରାସ୍ତାରେ ଆଗେଇଚାଲେ ମଣିଷ। କିନ୍ତୁ ଯଦି କର୍ମପ୍ରତି ବିମୁଖ ସାଜି ଘରର ଚାରିକୋଣରେ ଜୀବନ କଟାଯାଏ ,ତେବେ ସେ ଜୀବନର ମୂଲ୍ୟ କଣ ? ? କ୍ଷଣସ୍ଥାୟୀ ଏ ଜୀବନ– ଏ ରଙ୍ଗମଂଚରେ ଅଭିନୟ ସରିବା ପୂର୍ବରୁ କର୍ମତତ୍ପରତା ଦେଖେଇବା ଆବଶ୍ୟକ। କୁହାଯାଏ ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ରାଷ୍ଟ୍ରଗଠନରେ ଯୁବଶକ୍ତିର ଭୂମିକା ଅପରିହାର୍ଯ୍ୟ। ରାଷ୍ଟ୍ରବାଦୀ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ହେବା ଯୁବଗୋଷ୍ଠୀର କର୍ତ୍ତବ୍ୟ। କରୋନା ପାଇଁ ସବୁକୁଛି ଏକରକମର ବନ୍ଦ ହୋଇଥିବା ବେଳେ ଏହା ସମସ୍ତଙ୍କୁ ଏବେ ଆଶା ଓ ଆଶଙ୍କାର ଜାଲ ଭିତରେ ଛନ୍ଦି ଦେଇଛି। ସାରା ଦେଶ ଏବେ ଲକଡ଼ାଉନ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଏହିପରି ଏକ ବିଶ୍ୱ ମହାମାରୀର ବିଲୋପ ପାଇଁ ଯୁବକ ଠୁ ବୟସ୍କ ସଭିଏଁ ଏକାଠି ହୋଇ ଏହାକୁ ପ୍ରତିହତ କରିବା ଦିଗରେ ଚିନ୍ତା କରିବା ଆବଶ୍ୟକ। ତେବେ ଏହି ପରିପ୍ରେକ୍ଷୀରେ ଯୁବଗୋଷ୍ଠୀଙ୍କ ଭୂମିକାକୁ ଅସ୍ୱୀକାର କରାଯାଇନପାରେ। ଅନେକ ସମୟରେ ଯୁବଗୋଷ୍ଠୀ ସଚେତନ ହୋଇଗଲେ ଅଧାଲୋକ ସତର୍କ ହୋଇଗଲା ପରି ମନେ ହୁଏ। କାରଣ ମଣିଷ ଯୁବସୁଲଭ ବୟସରେ ହିଁ କିଛଇ ଟା ଭୁଲ କରିବସେ। ଯଦି ସେହି ସମୟରେ ମଣିଷ ସତର୍କ ହୋଇଯାଏ , ତାହେଲେ ସବୁକିଛିରେ ପୂର୍ଣ୍ଣତା ଆସିଯାଏ। ଠିକ ସେହିପରି କରୋନା ମହାମାରୀରେ ବିଶେଷ କରି ଏହି ଲକଡ଼ାଉନକୁ ବେଶ ସହଯୋଗ ଓ ସମର୍ଥନ ଜଣାଇଛନ୍ତି ଯୁବଗୋଷ୍ଠୀ। ନିଜେ ସଚେତନ ରହିବା ସହ ଲୋକମାନଙ୍କୁ ସତର୍କତାର ମନ୍ତ୍ର ମଧ୍ୟ ଫୁଙ୍କିଛନ୍ତି।

ଲକଡ଼ାଉନ ଅବଧି ବୃଦ୍ଧି – କଣ କୁହନ୍ତି ଜନତା:

କରୋନା ଏବେ ନିଜର କାୟା ବିସ୍ତାର କରିଚାଲୁଥିବା ବେଳେ ସାମାଜିକ ଦୂରତା ବଜାୟ ରଖିବା ସହ ସରକାରଙ୍କ ନିୟମକୁ କଠୋର ଭାବେ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ। ନିଜେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଜାଗ କରାଇବା ଆମର ପ୍ରାଥମିକତା ହେବା ଉଚିତ୍। ଲୋକଙ୍କ ମନରେ ଗୋଟିଏ ପ୍ରଶ୍ନ ଏ ଲକଡ଼ାଉନ୍ ଅବଧି ସରିବ ନା ପୁଣି ବଢ଼ିବ ??? ଏପ୍ରକାର ଏକ ଦୋଛକିରେ ଏ ପ୍ରଶ୍ନ ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି। ତେବେ ସବୁକିଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଏଇ ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କ ମତାମତ କଣ ରହିଛି , ତାହାକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା –

ମୋ ମତରେ ଲକଡ଼ାଉନ ଅବଧିକୁ ଆଉ କିଛି ବୃଦ୍ଧି କରାଗଲେ କୌଣସି ଅସୁବିଧା ହେବ ନାହିଁ। ଲୋକଙ୍କ ପାଇଁ ଭଲ ହେବ। କିନ୍ତୁ ଏପରି ପରିସ୍ଥିତିରେ ନିମ୍ନ ଓ ମଧ୍ୟବିତ୍ତ ପରିବାରର ଲୋକଙ୍କ କଥାକୁ ସରକାର ଚିନ୍ତା କରିବା ଆବଶ୍ୟକ। ଅନ୍ୟ ପକ୍ଷରେ ଦେଶର ଆର୍ଥିକ ଅବସ୍ଥା କଥାକୁ ବିଚାରକୁ ନେବା ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରନ୍ତୁ ଏସବୁଠୁ ଊର୍ଦ୍ଧ୍ୱରେ ମାନବ ଜୀବନ। ତେଣୁ ଏହାକୁ ନଜରରେ ରଖି ଲକଡ଼ାନ ବୃଦ୍ଧି କଲେ କୌଣସି ଅସୁବିଧା ନାହିଁ।

ବିଜ୍ଞାନ ମିହିର ରାଉତ , ଜଗତସିଂହପୁର

କରୋନାର ସଂକ୍ରମଣ ଚେନକୁ ଭାଙ୍ଗିବାକୁ ହେଲେ ସାମାଜିକ ଦୂରତା ରକ୍ଷା କରିବା ଖୁବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାକୁ କେବଳ ଲକଡ଼ାଉନ ହିଁ ରୋକିପାରିବ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲୁଥିବା ବେଳେ ଏହା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। କିନ୍ତୁ ଅନ୍ୟ ରାଜ୍ୟ ମାନଙ୍କରେ ଏହି ସଂକ୍ରମଣ ଅପେକ୍ଷାକୃତ ସ୍ଥିର ରହିଛି। ତେଣୁ ଲକଡ଼ାଉନକୁ ନିର୍ଦ୍ଦିଷ୍ଟ କଣ୍ଟେଣ୍ଟମେଣ୍ଟ ଜୋନ ଓ ହଟସ୍ପଟ ମାନଙ୍କରେ ବଢ଼ାଯିବା ଦରକାର। ତେଣୁ ଏଥିପାଇଁ ଏକ ଯୋଜନା ଆବଶ୍ୟକ କିପରି ଏହାକୁ ପ୍ରତିହତ କରିହେବ।

ପ୍ରଜ୍ଞା ପରମିତା , କଟକ

ଯେହେତୁ ଆମେ ଅନେକ ଦିନ ଏହି କରୋନା ସଂକ୍ରମଣକୁ ନ ବ୍ୟାପିବା ଲାଗି ଏକା ସହ ସଂଗ୍ରାମ କରିଚାଲିଛୁ , ତେଣୁ ଏହାକୁ ବ୍ୟାପିବାକୁ ନ ଦେବା ମଧ୍ୟ ଆମ କର୍ତ୍ତବ୍ୟ। ବର୍ତ୍ତମାନ ସମୟରେ ଆମେ ଏକ ସଚେତନ ସମୟ ଦେଇ ଗତି କରୁଛୁ। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଲକଡ଼ାଉନ ବୃଦ୍ଧି କରାଯିବା ଦରକାର।

ପ୍ରିତମ ପଣ୍ଡା , ବ୍ରହ୍ମପୁର

ଲକଡ଼ାଉନ ବଢ଼ିବା କେବଳ ସଂକ୍ରମିତ ଅଂଚଳ ପରିଧିରେ ହେବା ଉଚିତ୍। ହେଉଁ ଅଂଚଳ ସଂକ୍ରମିତ ନୁହେଁ , ସେ ଅଂଚଳରେ ସାମାଜିକ ଦୂରତା ଓ ମାସ୍କ କୁ ବାଧ୍ୟତାମୂଳକ କରି ଲକଡ଼ାଉନ ଉଠାଯାଉ। ଏହା ଦ୍ୱାରା ଶ୍ରମିକ ମାନେ ପକୃତ ହେବା ସହ ଦେଶର ଆର୍ଥିକ ପରିସ୍ଥିତିରେ ସୁଧାର ଅଣାଯାଇପାରିବ। ଖଟିଖିଆ ମଜୁରିଆ ଗୁଜୁରାଣ ମେଣ୍ଟାଇପାରିବେ।

ବିଜ୍ଞାନ ରଂଜନ ସାହୁ , ନୟାଗଡ଼

ଆଜିର ଏ ମହାବିପର୍ଯ୍ୟୟରେ ଏହା ସ୍ପଷ୍ଟ ଜଣାପଡ଼ିଛି କି କରୋନା ସହିତ ଆମର ଲଢ଼େଇ ବହୁତ ଦିନ ଚାଲିବ। ପ୍ରଥମ ପର୍ଯ୍ୟାୟରେ ସଙ୍ଗୋରଧ , ତଲାବନ୍ଦ ସରକାରଙ୍କୁ ବହୁମାତ୍ରାରେ ସହାୟତା ଦେଇଛି। ଭୂତାଣୁକୁ ମଧ୍ୟ ସନ୍ତୋଷଜନକ ଭାବେ ଅକ୍ତିଆର କରାଯାଇପାରିଛି। କିନ୍ତୁ ଏବେ ସରକାରଙ୍କୁ ଆଉ ଗୋଟିଏ ବିପର୍ଯ୍ୟୟ ସଙ୍କଟରେ ପକାଇଛି , ତାହା ହେଉଛି ଆର୍ଥିକ ମାନ୍ଦାବସ୍ଥା। ତେଣୁ ଆର୍ଥିକ ବିଶେଷଜ୍ଞଙ୍କ ମତାନୁଯାୟୀ , ସାରା ଦେଶ ତଥା ରାଜ୍ୟ କୁ କରୋନାର ପ୍ରାଦୁର୍ଭାବ ଅନୁସାରେ ନାଲି , ହଳଦୀ ଓ ସବୁଜ ବଳୟ ଅନୁସାରେ ବିଭକ୍ତ କରାଯାଉ। ତାହା ସହ ଆର୍ଥିକ ବ୍ୟାପାରକୁ ଅନୁମୋଦନ କରାଯାଉ। ଏହା ହେଲେ ମଧ୍ୟମ ଓ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବେ।ତେଣୁ ଯେଉଁ ଅଂଚଳରେ ଭୂତାଣୁ ପ୍ରାଦୁର୍ଭାବ ଅଧିକ ରହିଛି ସେଠାରେ ସମ୍ପୂର୍ଣ୍ଣ ତାଲାବନ୍ଦ ରଖାଯାଇ ସରକାର ବିଶେଷ କାର୍ଯ୍ୟପନ୍ଥା ସ୍ଥିର କରନ୍ତୁ।

କାର୍ତ୍ତିକ ପରମାଣିକ , ବାଲେଶ୍ୱର

ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖିଲେ ଲକଡ଼ାଉନ ଅବଧିଃ ବଢ଼ିବା ନିହାତି ଦରକାର। ପଶ୍ଚିମବଙ୍ଗ ଫେରନ୍ତା ଲୋକଙ୍କ ପାଁ ।ଜି ଯେଉଁଭଳି ଭାବରେ ଯୁଦ୍ଧକାଳୀନ ପରିସ୍ଥିତି ଉତ୍ପନ୍ନ ହୋଇଛି , ଯଦି ଲକଡ଼ାଉନ ଉଠାଇ ଦିଆଯାଏ , ତେବେ ଏହା କରୋନାର ପ୍ରାଦୁର୍ଭାବ ବଢ଼େଇଦେବ। ତେଣୁ ଜନତାଙ୍କ ସୁରକ୍ଷା ପାଇଁ ଏହା ଅନିବାର୍ଯ୍ୟ ଅଟେ କିନ୍ତୁ ଏପରି ପରିସ୍ଥିତିରେ ଲୋକଙ୍କ ଆର୍ଥିକ ଅବସ୍ଥା ବିଗୁଡୁଥିବାରୁ ଏହା ଜନତାଙ୍କ ଜୀବନ ଉପରେ ପ୍ରଭାବ ପକାଇବ। ଏହି ସମୟରେ ସବୁଜ ଜୋନରେ ଥିବା ସ୍ଥାନ ମାନଙ୍କରେ କଟକଣା କୋହଳ କରାଗଲେ ଜନତା ଦିଜର ଆର୍ଥିକ ମେରୁଦଣ୍ଡକୁ ସଜାଡ଼ିପାରିବେ।

ଚିନ୍ମୟ ଜେନା , ପୁରୀ

STAY HOME
STOP
SAVE LIVES

ପ୍ରସ୍ତୁତି – ଡ଼ି ଶୁଭମ୍

ଭଦ୍ରକରେ କାଳବୈଶାଖୀର ତାଣ୍ଡବ

ବ୍ରଜପାତରେ ୨ ମୃତ, ୧୦ ବଖରା ମାଟି ଘର ଭୁଷୁଡ଼ିଲା

ଭଦ୍ରକ, (ପିଏନ)- ଭଦ୍ରକରେ କାଳବୈଶାଖୀର ତାଣ୍ଡବ ତାର ଉଗ୍ରରୂପ ଦେଖାଇଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ବହୁ କଚ୍ଚାଘର ଭୁଷୁଡି ପଡିବା ସହ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଖବର ପାଇ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ବିରସ ରାଜସ୍ୱ ନିରୀକ୍ଷକ ତୁଷାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଘର ଭାଙ୍ଗିଥିବା ବ୍ୟକ୍ତିମାନଙ୍କୁ ପଲିଥିନ୍ ପ୍ରଦାନ କରିଛନ୍ତି। ଅନୁରୂପ ବଜ୍ରପାତରେ ମୃତ୍ୟୁବରଣ କରିଥିବା କଷିଆ ସାମୁଦ୍ରିକ ଥାନା ଅଧୀନସ୍ଥ ଭାବବିନୋବା ନଗରର ଦୁଇଜଣଙ୍କ ଶବକୁ ପୁଲିସ୍ ଜବତ କରି ଅପମୃତ୍ୟୁ ମାମଲା ମୂଳେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଜି ବ୍ୟବଚ୍ଛେଦ କରି ତାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ଏହି ଜିଲାର କେତେକ ସ୍ଥାନରେ ତାର ଭୀଷ୍ମ ରୂପ ଦେଖାଇଥିଲା। ଏହି ତାଣ୍ଡବ ସମୟରେ କଷିଆ ସାମୁଦ୍ରିକ ଥାନା ଅଧୀନସ୍ଥ ଭାବବିନୋବା ନଗରର ସନ୍ତୋଷ ବିଶ୍ୱାସଙ୍କ ପୁତ୍ର ବିଷ୍ଣୁପଦ (୪୫) ଶୌଚ ହେବାପାଇଁ ବାହାରକୁ ଯାଇଥିବାବେଳେ ବଜ୍ରପାତ ଘଟି ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନୁରୂପ ସେହି ଗ୍ରାମର ଅପୂର୍ବ ରଂଜନ ହୋତାଙ୍କ ପତ୍ନୀ ମହୁମିତା (୨୫) ବାହାରେ ବନ୍ଧା ହୋଇଥିବା ଗୋରୁଗୁଡ଼ିକୁ ଗୁହାଳକୁ ନେବା ସମୟରେ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ। ମୃତା ମହୁମିତାଙ୍କ ଦୁଇଟି ପୁତ୍ର ଓ କନ୍ୟା ସନ୍ତାନ ଥିବାବେଳେ ସେ ୭ ମାସର ଗର୍ଭବତୀ ଥିଲେ। ଗୋପବନ୍ଧୁନଗର ଗ୍ରାମରେ କାଳବୈଶାଖୀର ପ୍ରଭାବରେ ପ୍ରାୟ ୧୦ ଟି ପରିବାରର ମାଟି ଘର ଭୁଷୁଡି ପଡିଛି। ତିହିଡି ବ୍ଲକ୍ ଅଧୀନ ବାହାବଳପୁର ପଂଚାୟତର ଦେବେନ୍ଦ୍ର ଧଳ ଓ ତାଙ୍କ ୩ ଭାଇଙ୍କର ଆଜବେଷ୍ଟସ୍ ଘର ଉପରେ ଏକ ଚାକୁଣ୍ଡା ଗଛ ପଡିଯିବାରୁ ଚାରିବଖରା ଘର ସଂପୂର୍ଣ୍ଣ ନଷ୍ଟ ହୋଇଥିବାର ଖବର ମିଳିଛି। ନାୟକାଣୀଡିହି ଥାନା ଅଧୀନସ୍ଥ କରଞ୍ଜଆଡିଆ ଗ୍ରାମର ରଘୁନାଥ ତରାଇ ଏହି କାଳବୈଶାଖୀ ଯୋଗୁଁ ଆହତ ହୋଇଥିବାର ଜଣାପଡିଛି।

ମଠ, ମନ୍ଦିର ପୂଜକ, ପୁରୋହିତଙ୍କୁ ସହାୟତା ଦାବି

ଭୁବନ,(ପିଏନ)- କରୋନା ର କରାଳ ରୂପକୁ ପ୍ରଶମିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତାଲାବନ୍ଦ ଅବଧିକୁ ବୃଦ୍ଧି କରିବାରେ ଲାଗିଛନ୍ତି। ଏଥିପାଇଁ ବିଶେଷକରି ଦୀନ ମଜୁରିଆ, ଦଳିତ, ପଛୁଆବର୍ଗ, ଅସହାୟ ଲୋକମାନଙ୍କ ସହିତ ମଠ ମନ୍ଦିର ପୂଜକମାନେ ପ୍ରଭାବିତ ହେଉଛନ୍ତି। ସବୁଠି କଟକଣାକୁ କଡାକଡି କରାଯିବା ସହ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଶ୍ରଦ୍ଧାଳୁ ଭକ୍ତ ମାନେ ମଠ ମନ୍ଦିର କୁ ପ୍ରବେଶ କରିପାରୁ ନାହାନ୍ତି। ଏଥିପାଇଁ ମନ୍ଦିର ପୂଜକ ମାନେ ଦାନ ଦକ୍ଷିଣାରୁ ବଂଚିତ ହେଉଛନ୍ତି। ଅଧିକାଂଶ ପୁରୋହିତ ଙ୍କର ରାସନକାର୍ଡ ନଥିବାରୁ ସରକାରଙ୍କ ପ୍ରଦତ ଚାଉଳ ଓ ୧ ହଜାର ଟଙ୍କା ସହାୟତା ମଧ୍ୟ ପାଉନାହାନ୍ତି। ବିବାହ, ବ୍ରତଘର ମଧ୍ୟ ବନ୍ଦ ଥିବାରୁ ସେମାନଙ୍କର ରୋଜଗାର ସଂପୂର୍ଣ୍ଣ ବନ୍ଦ ହୋଇପଡିଛି। ଫଳରେ ସେମାନଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି ହୋଇଛି। ନିକଟରେ ରାଜ୍ୟ ସରକାର ଶ୍ରୀମନ୍ଦିର ସେବକମାନଙ୍କୁ ୫ ହଜାର ଟଙ୍କା ଲେଖାଁଏ ସହାୟତା ଘୋଷଣା କରିଛନ୍ତି। ହେଲେ ଗ୍ରାମାଂଚଳ ଓ ସହରାଂଚଳରେ ଥିବା ବିଭିନ୍ନ ମଠ ମନ୍ଦିରର ପୂଜକ, ସେବକମାନଙ୍କୁ ସରକାର ଭୁଲି ଯାଇଛନ୍ତି।

ବିଜେପି ତରଫରୁ ଗରିବ ଲୋକଙ୍କୁ ମାସ୍କ, ସାବୁନ ଓ ଶୁଖିଲା ଖାଦ୍ୟ ବଂଟନ

ଭୁବନ,(ପିଏନ)- ଭାରତୀୟ ଜନତା ପାର୍ଟି ,ଭୁବନ ନଗରମଣ୍ଡଳ ତରଫରୁ ଗତକାଲି ଓ ଆଜି ବିଭିନ୍ନ ୱାର୍ଡରେ ଗରିବ ଲୋକଙ୍କୁ ମାସ୍କ,ସାବୁନ ସମେତ ଶୁଖିଲା ଖାଦ୍ୟ ପୁଡିଆ ବଂଟନ କରାଯାଇଥିଲା। ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱ ଓ ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ବିହାରୀଙ୍କ ତତ୍ୱାବଧାନରେ ୭ ନମ୍ବର,୮ ନମ୍ବର,୧୩,୧୪ ଓ ୧୫ ନମ୍ବର ୱାର୍ଡର ପ୍ରାୟ ୧୫୦ ଜଣ ଅବହେଳିତ, ନିଷ୍ପେସିତ, ଗରିବ ଲୋକମାନଙ୍କୁ ମାସ୍କ, ସାବୁନ ଓ ଶୁଖିଲା ଖାଦ୍ୟ ପୁଡିଆ ପ୍ରଦାନ କରାଯିବା ସହିତ ବାରମ୍ବାର ସାବୁନରେ ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଫଳରେ କରୋନାକୁ ଜିତିପାରିବା ବୋଲି ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ତରଫରୁ ସନ୍ତୋଷ ରାଉଳ, ଜଗବନ୍ଧୁ ଗୁରୁ, ନିର୍ମଳ ଗୁରୁ, ସୁଶାନ୍ତ ନାୟକ, ନିର୍ମଳ ଚନ୍ଦ୍ର ପୋଥାଳ, ପାପୁନା ବାରିକ ପ୍ରମୁଖ ସହଯୋଗ କରିଥିଲେ। ଆଗକୁ ମଧ୍ୟ ଏହି କାର୍ଯ୍ୟ ଚାଲୁ ରହିବ ବୋଲି କୁହାଯାଇଛି।

ହିନ୍ଦୁସ୍ଥାନ ସମାଚାର/ସୁଶାନ୍ତ/ବୀଣାପାଣି

ତକ୍ଷଶୀଳା ତରଫରୁ କୁମର୍ଦ୍ଦା ଗ୍ରାମରେ ମାସ୍କ,ସାନିଟାଇଜର ସଚେତନତା ଓ ଶୁଖିଲା ଖାଦ୍ୟ ବଂଟନ

ଭୁବନ,(ପିଏନ)- ଭାରତୀୟ ବିଦ୍ୟା ନିକେତନ, ତକ୍ଷଶୀଳା ଚାରିଟେବୁଲ ଟ୍ରଷ୍ଟ ତରଫରୁ ଭୁବନ ବ୍ଲକ ବାଲିବୋ ପଂଚାୟତର କୁମର୍ଦ୍ଦା ଓ ନୂଆକୁମର୍ଦ୍ଦା ଗ୍ରାମରେ ମହାମାରୀ କରୋନା ବିରୋଧରେ ଲଢ଼ିବା ପାଇଁ ଲୋକଙ୍କୁ ସଚେତନତା କରାଯାଇଥିଲା। ଟ୍ରଷ୍ଟି ଜଗବନ୍ଧୁ ପୃଷ୍ଟିଙ୍କ ନେତୃତ୍ୱରେ ଅକ୍ଷୟ କୁମାର ବରାଳ, କାହ୍ନୁଚରଣ ସାହୁ, ସୁଶାନ୍ତ ଦାସ, ଚନ୍ଦନ ଧୀର, ଧୀରେନ୍ଦ୍ର ପୃଷ୍ଟି, ନାରାୟଣ ବେହେରା, କାର୍ତିକ ଚନ୍ଦ୍ର ସାହୁ, ଶିଶିର ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କୁମର୍ଦ୍ଦା ଗ୍ରାମରେ ଲୋକଙ୍କୁ ମାସ୍କ ବଂଟନ କରିବା ସହିତ ସାନିଟାଇଜର ଜରିଆରେ ଲୋକଙ୍କୁ ହାତଧୁଆ ଶିଖାଇଥିଲେ ଓ ଶୁଖିଲା(ଚୁଡା, ବିସ୍କୁଟ, ସୁଜି) ଖାଦ୍ୟ ପୁଡିଆ ବଂଟନ କରିଥିଲେ।

ଦୁଗ୍ଧଚାଷୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଉ -ଓଡିଶା କୃଷକ ସଭା

ଭୁବନେଶ୍ୱର, (ପିଏନ)-କୋଭିଡ୍ -୧୯ ମହାମାରୀ ଜନିତ ତାଲାବନ୍ଦୀ ପରିସ୍ଥିତିରେ "ଦୁଗ୍ଧ ଚାଷୀ ଏବଂ ଗୋ-ସମ୍ପଦ' ଅବସ୍ଥା ଅତି ଗୁରୁତର ହୋଇ ପଡିଛି। ଏକ ଆକଳନରୁ ଜଣାପଡିଛି ଯେ ଓଡିଶାରେ ସ୍ୱାଭାବିକ ସମୟରେ ୨୦ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହୋଇଥାଏ। ସେଥିରୁ ମାତ୍ର ୫ ଲକ୍ଷ ଲିଟର ଦୁଗ୍ଧ ଓମ୍ଫେଡ୍ ସଂଗ୍ରହ କରିଥାଏ ଏବଂ ଘରୋଇ କମ୍ପାନୀମାନେ ୨ଲକ୍ଷ ଲିଟର ସଂଗ୍ରହ କରିଥାନ୍ତି। ବଳକା ୧୩ ଲକ୍ଷ ଲିଟର ଦୁଗ୍ଧ ଛେନା, ପନିର୍ ସହିତ ମିଠା ଦୋକାନରେ ବିକ୍ରୀ କରିଥାନ୍ତି। ମାତ୍ର ବର୍ତମାନ ସମସ୍ତ ମିଠା ଦୋକାନ ବନ୍ଦ ଯୋଗୁଁ ଛେନା ଉତ୍ପାଦନ ମଧ୍ୟ ବନ୍ଦ ହୋଇ ଯାଇଛି। ଓମ୍ଫେଡ୍ ବ୍ୟତୀତ ଅନ୍ୟାନ୍ୟ ଦୁଗ୍ଧ ବିକ୍ରି ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇଯାଇଛି। ତେଣୁ ଲକ୍ଷ ଲକ୍ଷ ଲିଟର ଦୁଗ୍ଧ ବିକ୍ରି ହୋଇପାରୁନାହିଁ। ଅନ୍ୟ ଦିଗରେ ଗାଇମାନେ ବଂଚିବା ପାଇଁ ଚାଷୀ ଦାନା ଦେବାକୁ ବାଧ। ଓଡିଶାରେ ଗୋ ସମ୍ପଦ ବା ଗାଈ ସଂଖ୍ୟା ପ୍ରାୟ ୫ ଲକ୍ଷ ହେବ। ଏହି ଗାଇମାନଙ୍କୁ ବଂଚିବା ପାଇଁ ଗାଈ ସଂଖ୍ୟା ଏବଂ ଦୁଗ୍ଧ ଚାଷୀମାନଙ୍କୁ ହିସାବ କରି ସ୍ୱତନ୍ତ୍ର ଆର୍ଥିକ ସହାୟତା ଘୋଷଣା କରିବା ଦରକାର। 'ଦୁଗ୍ଧଚାଷୀ ଏବଂ ଗାଇ' ଉଭୟ ବଂଚିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ଓଡିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ କହିଛନ୍ତି। ଅନ୍ତତଃ ପ୍ରତ୍ୟେକ ଗାଈ/ମଇଁଷି ପାଇଁ ଦାନା ଦେବାକୁ ୧ ହଜାର ଟଙ୍କା ଦେବା ସହିତ ଦୁଗ୍ଧ କ୍ଷତି ଜନିତ ର କ୍ଷତିପୂରଣ ଚାଷୀକୁ ଦିଆଯାଉ।

କ୍ଷତିଗ୍ରସ୍ତ ମୁଗ ଓ ଡାଲୁଅ ଚାଷୀଙ୍କୁ କ୍ଷତିପୂରଣ ଦାବି

କେନ୍ଦ୍ରାପଡ଼ା,(ପିଏନ)- ଜିଲ୍ଲାରେ ଅଦିନିଆ ବର୍ଷା ଲାଗି ରହିଥିବାରୁ ଦାଲୁଅ ଚାଷ ନଷ୍ଟହେବା ସହ ମୁଗ ଓ ବିରି ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏନେଇ ଚାଷୀମାନେ ଜିଲ୍ଲା କୃଷି ଅଧିକାରୀଙ୍କୁ ସାକ୍ଷାତ କରି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତି ପୂରଣ ଦାବି କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏନେଇ ଶୁକ୍ରବାର ଜିଲ୍ଲା କୃଷି ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ଡେରାବିଶ ବ୍ଲକର ଚାଷୀ ପ୍ରାୟତଃ ମୁଗ ଫସଲ କରନ୍ତି। ମୁଗ ଅମଳ ସମୟରେ ଲଗାତାର ବର୍ଷା ହେବା କାରଣରୁ ଚାଷୀ ମାନଙ୍କର ଡାଲି ଜାତୀୟ ଫସଲ ମୁଗ ସଂପୂର୍ଣ୍ଣ ଉଜୁଡି ଯାଇଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ସଂପର୍କରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା କୃଷି ଅଧରକାରୀ ଙ୍କୁ ଭେଟି କ୍ଷୟକ୍ଷତିର ଆକଳନ କରିବାକୁ ଦାବି କରିଛନ୍ତି। କରୋନା ଆଡରେ ଚାଷୀମାନଙ୍କ କ୍ଷୟକ୍ଷତିକୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଖରିପ ଧାନ କିଣା ଅବଧି ସରକାର ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ କରିବେ ବୋଲି ଘୋଷଣା କରିଥିଲେ। ଚାଷୀମାନେ ଏପର୍ଯ୍ୟନ୍ତ ମଣ୍ଡରେ ଧାନ ଦେଇପାରି ନଥିବା ଏବଂ ଟୋକନ ଧରି ବସିଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଲଗାଣ ବର୍ଷା ଫଳରେ ମୁଗ, ବିରି ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ଏହାକୁ ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ଦେବାପାଇଁ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର, ଅଞ୍ଜନ କୁମାର ପଲାଇ ପ୍ରମୁଖ ଦାବି କରିଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray